# କଟକ ମହାନଗର ନିଗମ ୫ମ ସାଧାରଣ ବୈଠକ ବିବରଣୀ

**ତା. ୩୧.୦୭.୨୦୧୪ ରିଖ , ସମୟ : ପୂର୍ବାହ୍ନ - ୧୧.୦୦ ଘଟିକା,**

**ସ୍ଥାନ : ବିଶ୍ୱନାଥ ପଣ୍ଡିତ ସମ୍ମିଳନୀ କକ୍ଷ**

ଅଦ୍ୟ ତା ୩୧.୦୭.୨୦୧୪ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ କଟକ ମହାନଗର ନିଗମର ୫ମ ସାଧାରଣ ଅଧିବେଶନ ନିଗମ ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ନିଗମର ମାନ୍ୟବର ମେୟର ଶ୍ରୀଯୁକ୍ତା ଅନିତା ବେହେରା ସଭାପତିତ୍ୱ କରିଥିଲେ ।

## ଉପସ୍ଥିତ ସଭ୍ୟ / ସଭ୍ୟା

**ସର୍ବଶ୍ରୀ**

| | | |
|---|---|---|
| ୧. | ଶ୍ରୀଯୁକ୍ତ ଅଜୟ କୁମାର ବାରିକ, | ଡେପୁଟି ମେୟର, ୱାର୍ଡ଼ ନଂ-୩୬ |
| ୨. | ସୁଶ୍ରୀ ଇତିଶ୍ରୀ ବେହେରା, | କର୍ପୋରେଟର, ୱାର୍ଡ଼ ନଂ. – ୦୨ |
| ୩. | ଶ୍ରୀଯୁକ୍ତା ଗିରିବାଳା ବେହେରା | କର୍ପୋରେଟର, ୱାର୍ଡ଼ ନଂ. – ୦୪ |
| ୪. | ଶ୍ରୀଯୁକ୍ତା ସୁପ୍ରିୟା ରାଉତ | କର୍ପୋରେଟର, ୱାର୍ଡ଼ ନଂ. – ୦୫ |
| ୫. | ଶ୍ରୀଯୁକ୍ତା ସଞ୍ଜୁକ୍ତା ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୦୬ |
| ୬. | ଶ୍ରୀଯୁକ୍ତା ରଞ୍ଜିତା ବିଶ୍ୱାଳ | କର୍ପୋରେଟର, ୱାର୍ଡ଼ ନଂ. – ୦୭ |
| ୭. | ଶ୍ରୀଯୁକ୍ତା ନମିତା ବାରିକ, | କର୍ପୋରେଟର, ୱାର୍ଡ଼ ନଂ. – ୦୮ |
| ୮. | ଶ୍ରୀଯୁକ୍ତ ବିକାଶ ରଞ୍ଜନ ବେହେରା | କର୍ପୋରେଟର, ୱାର୍ଡ଼ ନଂ. – ୦୯ |
| ୯. | ଶ୍ରୀଯୁକ୍ତ ଜ୍ଞାନ ରଞ୍ଜନ ସାଇଁ | କର୍ପୋରେଟର, ୱାର୍ଡ଼ ନଂ. – ୧୦ |
| ୧୦. | ଶ୍ରୀଯୁକ୍ତ ବିଜୟ ଦଳେଇ, | କର୍ପୋରେଟର, ୱାର୍ଡ଼ ନଂ. – ୧୧ |
| ୧୧. | ଶ୍ରୀଯୁକ୍ତ ଶିବ ପ୍ରସାଦ ଦଳାଇ, | କର୍ପୋରେଟର, ୱାର୍ଡ଼ ନଂ. – ୧୨ |
| ୧୨. | ସୁଶ୍ରୀ ପଦ୍ମା ଭୂୟାଁ | କର୍ପୋରେଟର, ୱାର୍ଡ଼ ନଂ. – ୧୩ |
| ୧୩. | ଶ୍ରୀଯୁକ୍ତା ଅଞ୍ଜୁଶ୍ରୀ ଜେନା | କର୍ପୋରେଟର, ୱାର୍ଡ଼ ନଂ. – ୧୪ |
| ୧୪. | ଶ୍ରୀଯୁକ୍ତ ରମଜାନ ଖାନ | କର୍ପୋରେଟର, ୱାର୍ଡ଼ ନଂ. – ୧୬ |
| ୧୫. | ଶ୍ରୀଯୁକ୍ତା ଏ. ଶ୍ରୀଦେବୀ | କର୍ପୋରେଟର, ୱାର୍ଡ଼ ନଂ. – ୧୭ |
| ୧୬. | ଶ୍ରୀଯୁକ୍ତ ଅରୁଣ କୁମାର ସେଠୀ | କର୍ପୋରେଟର, ୱାର୍ଡ଼ ନଂ. – ୧୮ |
| ୧୭. | ଶ୍ରୀଯୁକ୍ତା ଚାରୁଲତା ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୧୯ |
| ୧୮. | ଶ୍ରୀଯୁକ୍ତ ଅଜୟ ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୨୦ |
| ୧୯. | ଶ୍ରୀଯୁକ୍ତା ଅନିତା ନାୟକ | କର୍ପୋରେଟର, ୱାର୍ଡ଼ ନଂ. – ୨୨ |
| ୨୦. | ଶ୍ରୀଯୁକ୍ତ ସେକ୍ ସମିମ୍ ଉଲ୍ଲା | କର୍ପୋରେଟର, ୱାର୍ଡ଼ ନଂ. – ୨୩ |
| ୨୧. | ଶ୍ରୀଯୁକ୍ତ ରଞ୍ଜନ କୁମାର ବିଶ୍ୱାଳ | କର୍ପୋରେଟର, ୱାର୍ଡ଼ ନଂ. – ୨୪ |
| ୨୨. | ଶ୍ରୀଯୁକ୍ତା ପାରୁଲ ଜୟସାଲ, | କର୍ପୋରେଟର, ୱାର୍ଡ଼ ନଂ. – ୨୫ |
| ୨୩. | ଶ୍ରୀଯୁକ୍ତା କାଂଚନ ଦାସ, | କର୍ପୋରେଟର, ୱାର୍ଡ଼ ନଂ. – ୨୬ |
| ୨୪. | ଶ୍ରୀଯୁକ୍ତା ଇତିଶ୍ରୀ ଦାସ, | କର୍ପୋରେଟର, ୱାର୍ଡ଼ ନଂ. – ୨୭ |
| ୨୫. | ଶ୍ରୀଯୁକ୍ତା ବୈଶାଳୀ ବେହେରା, | କର୍ପୋରେଟର, ୱାର୍ଡ଼ ନଂ. – ୨୮ |
| ୨୬. | ଶ୍ରୀଯୁକ୍ତା ମଞ୍ଜୁଲତା ପୃଷ୍ଟି, | କର୍ପୋରେଟର, ୱାର୍ଡ଼ ନଂ. –୨୯ |

| | | |
|---|---|---|
| ୨୭. | ସୁଶ୍ରୀ ନମିତା ଦାସ, | କର୍ପୋରେଟର, ୱାର୍ଡ଼ ନଂ. – ୩୦ |
| ୨୮. | ଶ୍ରୀଯୁକ୍ତ ବିଜୟ କୁମାର ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୩୧ |
| ୨୯. | ଶ୍ରୀଯୁକ୍ତା ତଅପୋଇ ଦେଇ @ ସେଠୀ | କର୍ପୋରେଟର, ୱାର୍ଡ଼ ନଂ. – ୩୨ |
| ୩୦. | ଶ୍ରୀଯୁକ୍ତ ମନୋଜ କୁମାର ସେଠୀ, | କର୍ପୋରେଟର, ୱାର୍ଡ଼ ନଂ. – ୩୩ |
| ୩୧. | ଶ୍ରୀଯୁକ୍ତା ନମିତା ମଞ୍ଜରୀ ସାହୁ, | କର୍ପୋରେଟର, ୱାର୍ଡ଼ ନଂ. – ୩୪ |
| ୩୨. | ଶ୍ରୀଯୁକ୍ତା ଦିପାଳୀବାଳା ଭୂୟାଁ, | କର୍ପୋରେଟର, ୱାର୍ଡ଼ ନଂ. – ୩୫ |
| ୩୩. | ଶ୍ରୀଯକ୍ତ ଧର୍ମାନନ୍ଦ ପାତ୍ର | କର୍ପୋରେଟର, ୱାର୍ଡ଼ ନଂ. – ୩୭ |
| ୩୪. | ଶ୍ରୀଯୁକ୍ତ ଅନିଲ ନିଳାଦ୍ରୀ , | କର୍ପୋରେଟର, ୱାର୍ଡ଼ ନଂ. – ୩୮ |
| ୩୫. | ଶ୍ରୀଯୁକ୍ତା ସୁଲୋଚନା ସେଠୀ, | କର୍ପୋରେଟର, ୱାର୍ଡ଼ ନଂ. – ୩୯ |
| ୩୬. | ଶ୍ରୀଯୁକ୍ତ ଜୟଦେବ ଜେନା, | କର୍ପୋରେଟର, ୱାର୍ଡ଼ ନଂ. – ୪୦ |
| ୩୭. | ଶ୍ରୀଯୁକ୍ତ ହେମନ୍ତ କୁମାର ବେହେରା, | କର୍ପୋରେଟର, ୱାର୍ଡ଼ ନଂ. – ୪୧ |
| ୩୮. | ଶ୍ରୀଯୁକ୍ତ ଚିରଞ୍ଜୟ ସାହୁ, | କର୍ପୋରେଟର, ୱାର୍ଡ଼ ନଂ. – ୪୨ |
| ୩୯. | ଶ୍ରୀଯୁକ୍ତା ଚିତ୍ରା ଖୁଣ୍ଟିଆ, | କର୍ପୋରେଟର, ୱାର୍ଡ଼ ନଂ. – ୪୪ |
| ୪୦. | ଶ୍ରୀଯୁକ୍ତା ମିନାକ୍ଷୀ ବେହେରା, | କର୍ପୋରେଟର, ୱାର୍ଡ଼ ନଂ. – ୪୫ |
| ୪୧. | ଶ୍ରୀଯୁକ୍ତା ପ୍ରଳୟା ବେଉରା, | କର୍ପୋରେଟର, ୱାର୍ଡ଼ ନଂ. – ୪୬ |
| ୪୨. | ଶ୍ରୀଯୁକ୍ତା କବିତା ଖଣ୍ଡାୟୀ, | କର୍ପୋରେଟର, ୱାର୍ଡ଼ ନଂ. – ୪୭ |
| ୪୩. | ଶ୍ରୀଯୁକ୍ତ ନିରୋଦ ଚନ୍ଦ୍ର ପଣ୍ଡା, | କର୍ପୋରେଟର, ୱାର୍ଡ଼ ନଂ. – ୪୮ |
| ୪୪. | ଶ୍ରୀଯୁକ୍ତ ଦୟାନିଧି ନାୟକ, | କର୍ପୋରେଟର, ୱାର୍ଡ଼ ନଂ. – ୪୯ |
| ୪୫. | ଶ୍ରୀଯୁକ୍ତା ଦିପ୍ତି ପ୍ରଜ୍ଞା ମହାନ୍ତି, | କର୍ପୋରେଟର, ୱାର୍ଡ଼ ନଂ. – ୫୦ |
| ୪୬. | ଶ୍ରୀଯୁକ୍ତା ମମତା ବେହେରା, | କର୍ପୋରେଟର, ୱାର୍ଡ଼ ନଂ. – ୫୧ |
| ୪୭. | ଶ୍ରୀଯୁକ୍ତ ହୃଷିକେଷ ପ୍ରଧାନ, | କର୍ପୋରେଟର, ୱାର୍ଡ଼ ନଂ. – ୫୨ |
| ୪୮. | ଶ୍ରୀଯୁକ୍ତ ପ୍ରଦୀପ କୁମାର ସାମନ୍ତରାୟ, | କର୍ପୋରେଟର, ୱାର୍ଡ଼ ନଂ. –୫୩ |
| ୪୯. | ଶ୍ରୀଯୁକ୍ତା ସୁରେଖା ସାମନ୍ତରାୟ, | କର୍ପୋରେଟର, ୱାର୍ଡ଼ ନଂ. – ୫୪ |
| ୫୦. | ଶ୍ରୀଯୁକ୍ତ ବୈଦେଶ୍ୱର ପଣ୍ଡା, | କର୍ପୋରେଟର, ୱାର୍ଡ଼ ନଂ. – ୫୫ |
| ୫୧. | ଶ୍ରୀଯୁକ୍ତ ସଞ୍ଜୟ କୁମାର ବରାଳ, | କର୍ପୋରେଟର, ୱାର୍ଡ଼ ନଂ. – ୫୬ |
| ୫୨. | ଶ୍ରୀଯୁକ୍ତ ଲଳିତ ଶେଖର ନାୟକ, | କର୍ପୋରେଟର, ୱାର୍ଡ଼ ନଂ. – ୫୭ |
| ୫୩. | ଶ୍ରୀଯୁକ୍ତା ରାଜ କୁମାରୀ ସାଇଁ, | କର୍ପୋରେଟର, ୱାର୍ଡ଼ ନଂ. – ୫୮ |
| ୫୪. | ଶ୍ରୀଯୁକ୍ତ ପ୍ରମୋଦ କୁମାର ମହାପାତ୍ର, | କର୍ପୋରେଟର, ୱାର୍ଡ଼ ନଂ. – ୫୯ |

## ଉପସ୍ଥିତ ପଦାଧିକାରୀ

| | | |
|---|---|---|
| ୧. | ଶ୍ରୀଯୁକ୍ତ ଜ୍ଞାନ ରଞ୍ଜନ ଦାସ | କମିଶନର |
| ୨. | ଶ୍ରୀଯୁକ୍ତ ଉମାକାନ୍ତ ଗଡ଼ନାୟକ | ନଗର ଯନ୍ତ୍ରୀ |
| ୩. | ଡାକ୍ତର ରଜନୀ କାନ୍ତ ଘଡାଇ | ନଗରସ୍ୱାସ୍ଥ୍ୟ ଅଧିକାରୀ |
| ୪. | ଶ୍ରୀଯୁକ୍ତ ଲଳିତ ମୋହନ ଦାସ | ନିର୍ବାହୀ ଯନ୍ତ୍ରୀ -୨ |
| ୫. | ଶ୍ରୀଯୁକ୍ତ ଧିରେନ କୁମାର ପୃଷ୍ଟି | ନିର୍ବାହୀ ଯନ୍ତ୍ରୀ -୧ |
| ୬. | ଶ୍ରୀଯୁକ୍ତ ଅଜୟ କୁମାର ସେଠୀ | ବିତ ଅଧିକାରୀ |
| ୭. | ଶ୍ରୀଯୁକ୍ତ ଲକ୍ଷ୍ମୀଧର ନାଥ | ସେକ୍ରେଟାରୀ |
| ୮. | ଶ୍ରୀଯୁକ୍ତ ବିଜୟ କୁମାର ଦାଶ | ରିକଭରୀ ଅଫିସର |

| | | |
|---|---|---|
| ୯. | ଶ୍ରୀଯୁକ୍ତ ନର୍ମଳ ଚନ୍ଦ୍ର ନାୟକ | ଉପ ସଚିବ |
| ୧୦. | ଶ୍ରୀଯୁକ୍ତ ସୌମେନ୍ଦ୍ର କୁମାର ପଟ୍ଟନାୟକ | ସହକାରୀ ଯନ୍ତ୍ରୀ |
| ୧୧. | ଶ୍ରୀଯୁକ୍ତ ମହେଶ ପ୍ରସାଦ ମିଶ୍ର | ସହକାରୀ ଯନ୍ତ୍ରୀ |
| ୧୨. | ଶ୍ରୀଯୁକ୍ତ ସଞ୍ଜୟ କୁମାର ବେହେରା | ସହକାରୀ ନିର୍ବାହୀ ଯନ୍ତ୍ରୀ |
| ୧୩. | ଶ୍ରୀଯୁକ୍ତ ନନ୍ଦ କିଶୋର ପାଲ | ସହକାରୀ ନିର୍ବାହୀ ଯନ୍ତ୍ରୀ |
| ୧୪. | ଶ୍ରୀଯୁକ୍ତ ସୁଦାମ ଚରଣ ସାହୁ | ଟିମ ଲିଡର ସି.ଏଲ.ଟି.ସି |

ଏହି ବୈଠକରେ ବାରବାଟି-କଟକ ବିଧାୟକଙ୍କ ପ୍ରତିନିଧି ଶ୍ରୀଯୁକ୍ତ ଆକୁଳାନନ୍ଦ ମହାନ୍ତୀ ଏବଂ ଚୌଦ୍ୱାର କଟକ ବଧାୟକଙ୍କ ପ୍ରତିନିଧି ଚୌଧୁରୀ ସୁବ୍ରତ ଘଡାଇ ମଧ ଉପସ୍ଥିତ ଥିଲେ ।

ଅଧିବେଶନର ପ୍ରାରମ୍ଭରେ ମେୟର ତଥା ସଭାପତି ବୈଠକରେ ଉପସ୍ଥିତ ଥିବା ଡ଼େପୁଟି ମେୟର, ସମସ୍ତ କର୍ପୋରେଟର, କମିଶନର ତଥା ନିଗମର ସମସ୍ତ ଅଧିକାରୀ ମାନଙ୍କୁ ସ୍ୱାଗତ କରିଥିଲେ । ସେ କହିଥିଲେ ଇତି ମଧ୍ୟରେ ବିଭିନ୍ନ ଷ୍ଟାଣ୍ଡିଙ୍ଗ କମିଟି ବୈଠକ ମାଧମରେ, କର୍ପୋରେଟର ମାନେ ଆଗତ କରିଥିବା ବିଭିନ୍ନ ପ୍ରସ୍ତାବ ଗୁଡିକ ଆଲୋଚନା କରାଯାଇ ଅନୁମୋଦନ ନିମନ୍ତେ ସୁପାରିଶ କରାଯାଇଛି । ତେଣୁ ପ୍ରତ୍ୟେକ ୱାର୍ଡର ସମୁହ ବିକାଶ ଦିଗରେ ସମସ୍ତଙ୍କ ମିଳିତ ପ୍ରଚେଷ୍ଟା ଓ ଉଦ୍ୟମ ଅବ୍ୟାହତ ରଖିବାକୁ ସେ ମଧ ସସସ୍ତଙ୍କ ସହଯୋଗ କାମନା କରିଥିଲେ ।

ଅନୁମତି କ୍ରମେ କମିଶନର ଶ୍ରୀଯୁକ୍ତ ଜ୍ଞାନ ରଞ୍ଜନ ଦାସ, କାଉନସିଲର ଏହି ୫ମ ବୈଠକକୁ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏବଂ ଇତି ମଧ୍ୟରେ ବିଭିନ୍ନ ଷ୍ଟାଣ୍ଡିଙ୍ଗ କମିଟି ମାଧମରେ ଅନୁମୋଦନ ନିମନ୍ତେ ଉପସ୍ଥାପନା କରାଯାଇଥିବା ବିଭିନ୍ନ ପ୍ରସ୍ତାବ ଗୁଡିକ ସମ୍ପର୍କରେ ଆଲୋଚନା କରାଯାଇ ଦୃଢ଼ୀକରଣ କରାଯିବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ । ସେ ମଧ ବିଭିନ୍ନ ବୈଠକର ବିବରଣୀ ଗୁଡିକ ସମସ୍ତ କର୍ପୋରେଟର ମାନଙ୍କୁ ପ୍ରଦାନ କରିବାରେ ବିଳମ୍ବ ଘଟିଥିବାରୁ , ଦୁଃଖ ପ୍ରକାଶ କରିବା ସହ, ଆଗାମୀ ଦିନରେ ଯଥାଶିଘ୍ର ବିବରଣୀ ଗୁଡିକ ନର୍ଦ୍ଧାରିତ ସମୟ ସୀମା ମଧରେ ପ୍ରକାଶ କରାଯିବାକୁ ପରାମର୍ଶ ଦେଇଥିଲେ ।

ବିଭିନ୍ନ ସଦସ୍ୟ / ସଦସ୍ୟା ମାନଙ୍କ ଦ୍ୱାରା କରାଯାଇଥିବା ଆଲୋଚନା ଓ ପ୍ରାପ୍ତ ହୋଇଥିବା ପ୍ରସ୍ତାବ:

**ଶ୍ରୀଯୁକ୍ତ ହୃଷିକେଶ ପ୍ରଧାନ, କର୍ପୋରେଟର, ୱାର୍ଡ଼ ନଂ-୪୨ :**

- ❖ ନିଗମ କାର୍ଯ୍ୟାଳୟରେ କର୍ପୋରେଟରମାନଙ୍କ ନିମନ୍ତେ ଉଦ୍ଧିଷ୍ଟ ଥିବା ପ୍ରକୋଷ୍ଠର ଚେୟାର ଗୁଡ଼ିକର ମରମତି ଏବଂ ସ୍ଥାପନ କରାଯାଇଥିବା ଟି.ଭିକୁ କାର୍ଯ୍ୟକ୍ଷମ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।
- ❖ ବୈଠକରେ ସମସ୍ତ କର୍ପୋରେଟରମାନଙ୍କୁ ଆଲୋଚାନରେ ଅଂଶ ଗ୍ରହଣ କରି ସେମାନଙ୍କ ପ୍ରସ୍ତାବ ଗୁଡିକ ପ୍ରଦାନ ନିମନ୍ତେ ସୁଯୋଗ ଦେବା ଏବଂ ବୈଠକ ସମୟରେ ବିଭିନ୍ନ ସମ୍ବାଦିକ ତଥା ମିଡିଆ ପ୍ରତିନିଧିମାନଙ୍କୁ ଉପସ୍ଥିତ ରହିବା ନିମନ୍ତେ ସୁଯୋଗ ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ❖ ବାସ୍ତବ କ୍ଷେତ୍ରରେ କର୍ପୋରେଟର ମାନଙ୍କର ବିଭିନ୍ନ ସମସ୍ୟା ଗୁଡିକର ସମାଧାନ ଦିଗରେ ନିଗମର କ୍ଷେତ୍ର କର୍ମଚାରୀ ମାନେ ସହଯୋଗ ପ୍ରଦାନ କରୁନଥିବାର ଅଭିଯୋଗ ଆସୁଥିବାରୁ, ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ୱାର୍ଡ ମଧରେ କରାଯାଉଥିବା କାର୍ଯ୍ୟ ସଂର୍ପକରେ ମଧ ସମ୍ପୃକ୍ତ ଯନ୍ତ୍ରୀମାନେ, ସମ୍ପୃକ୍ତ କର୍ପୋରେଟରମାନଙ୍କୁ ସୂଚନା ପ୍ରଦାନ କରୁନଥିବାର ଅଭିଯୋଗ ମଧ କରିଥିଲେ ।
- ❖ ଜାଇକା କର୍ତୃପକ୍ଷଙ୍କ ଦ୍ୱାରା ବିଭିନ୍ନ ୱାର୍ଡରେ କରାଯାଉଥିବା କାର୍ଯ୍ୟ ସଂମ୍ପର୍କରେ ସମ୍ପୃକ୍ତ କର୍ପୋରେଟରମାନଙ୍କୁ ଅବଗତ କରାଯାଉନଥିବାର ଅଭିଯୋଗ କରି ଏହି ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନିମନ୍ତେ ଅନୁରୋଧ କରିଥିଲେ ।
- ❖ ନିଗମ ଅଧିନରେ ରହିଥିବା ନିଜସ୍ୱ ଜମିର ତାଲିକା ଏବଂ ସେ ଗୁଡିକର ବର୍ତମାନର ସ୍ଥିତି ସଂମ୍ପର୍କରେ ସୂଚନା ପ୍ରଦାନ କରିବାକୁ ମଧ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ନିଗମ ଅଂଚଳରେ ବିଭିନ୍ନ ବିଭାଗ ଅଧିନରେ ରହିଥିବା ସରକାରୀ ଜମି ଗୁଡିକ ମଧ ନିଗମ ଅଧିନକୁ ଆଣାଯାଇ, ଉକ୍ତ ଜମିରେ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

- ୱାର୍ଡର ପରିମଳ ବ୍ୟବସ୍ଥା ନିମନ୍ତେ ଆବଶ୍ୟକ ହେଉଥିବା କର୍ମଚାରୀମାନଙ୍କ ସଂଖ୍ୟା ତୁଳନାରେ କାର୍ଯ୍ୟଭାର ଅଧିକ ରହୁଥିବାରୁ, ନିୟୋଜିତ ପ୍ରତ୍ୟେକ କ୍ଷେତ କର୍ମଚାରୀମାନଙ୍କ ନିମନ୍ତେ ନିଦ୍ଧିଷ୍ଟ ଭାବେ କାର୍ଯ୍ୟ ନିର୍ଘଣ୍ଟ ପ୍ରସ୍ତୁତ କରାଯିବାକୁ ପରାମର୍ଶ ଦେଇଥିଲେ।
- ବର୍ତ୍ତମାନ ସୁଦ୍ଧା ଅନୁମୋଦନ କରାଯାଇଥବା ସମସ୍ତ BYE-LAW ଗୁଡ଼ିକର ଏକକିତା ନକଲ ସମସ୍ତ କର୍ପୋରେଟରମାନଙ୍କ ଅବଗତି ନିମନ୍ତେ ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ। ସେ ମଧ ଅବଶିଷ୍ଟ BYE-LAW ଗୁଡ଼ିକର ଅନୁମୋଦନ ନିମନ୍ତେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ କମିଶନରଙ୍କ ଦୃଷ୍ଟି ଆର୍କଷଣ କରିଥିଲେ।
- ସର୍ଭିସ ପ୍ରୋଭାଇଡର ମାନଙ୍କ ମାଧମରେ ନିୟୋଜିତ କରାଯାଇଥିବା କାର୍ଯ୍ୟ ଅବଧିକୁ ନେଭେମ୍ବର ମାସ ପର୍ଯ୍ୟନ୍ତ ବୃଦ୍ଧି କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।
- ନିଗମର ଯନ୍ତ୍ରୀ ବିଭାଗ ଦ୍ୱାରା ଗତ କାଉନସିଲ ବୈଠକରେ Post-facto approval ନିମନ୍ତେ ଆଗତ କରଯାଇଥିବା ବିଭିନ୍ନ ପ୍ରସ୍ତାବର ବର୍ତ୍ତମାନର ସ୍ଥିତି ସଂର୍ପକରେ ସ୍ୱଷ୍ଟିକରଣ ପ୍ରଦାନ କରାଯିବାକୁ ଅନୁରୋଧ କରିଥିଲେ।
- ବିଭିନ୍ନ ୱାର୍ଡର ନାଳ ତଥା ରାସ୍ତା ଗୁଡ଼ିକର ପରିମାଣକୁ ଦୃଷ୍ଟିରେ ରଖାଯାଇ, ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଆବଶ୍ୟକ ସଂଖ୍ୟକ କୁଲୀ ନିୟୋଜନର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ।
- ଆସନ୍ତା ସ୍ୱାୟତ ଶାସନ ଦିବସ ପୂର୍ବରୁ ପତ୍ୟେକ ୱାର୍ଡରେ ବୈଦ୍ୟୁତିକ ଆଲୋକର ବ୍ୟବସ୍ଥା ଏବଂ ବ୍ରୁଶ କଟିଙ୍ଗ କାର୍ଯ୍ୟ ତ୍ୱରାନିତ କରାଯିବାକୁ ମଧ ପ୍ରସ୍ତାବ ଦେଇଥିଲେ।
- ନିଗମ ଦ୍ୱାରା ଗଠନ କରାଯାଇଥିବା Enforcement Squad ପ୍ରତ୍ୟେକ ଦିନ ସେମାନଙ୍କର କାର୍ଯ୍ୟ ସଠିକଭାବେ ପାଳନ କରୁନଥିବାରୁ , ଏ ଦିଗରେ ଦାୟିତ୍ୱରେ ରହିଥିବା ଅଧକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।
- କନିଷ୍ଠ ଯନ୍ତ୍ରୀମାନଙ୍କ ମଧରେ ଯଥାଶିଘ୍ର ୱାର୍ଡ ଆବଣ୍ଟନ କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

**ଶ୍ରୀମତୀ ଗିରିବାଳା ବେହେରା , କର୍ପୋରେଟର, ୱାର୍ଡ଼ ନଂ-୦୪ :**

- ଗତ କାଉସିଲ ବୈଠକରେ ଗ୍ରହଣ କରାଯାଇଥିବା ବିଭିନ୍ନ ନିଷ୍ପତି ଗୁଡ଼ିକ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକାରୀ ହୋଇନଥିବାର ଅଭିଯୋଗ କରି, ମଲାଚଣ୍ଡିଆ ଛକର ନିରୁପିତ ସ୍ଥାନରେ ଯଥାଶିଘ୍ର ଜ୍ଞାନ ମଣ୍ଡଳର ପ୍ରଣେତା,ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ସ୍ୱର୍ଗତ ବିନୋଦ କାନୁନ୍‌ଗୋଙ୍କ ପ୍ରତିମୁର୍ତୀ ପୁନଃ ସ୍ଥାପନ ନିମନ୍ତେ ବ୍ୟବସ୍ଥା କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।
- ନିଗମ ଅଧିନରେ ଥିବା ଏକମାତ୍ର ବୈଦ୍ୟୁତିକ ଶବଦାହ ଚୁଲାକୁ ଯଥାଶିଘ୍ର କାର୍ଯ୍ୟକ୍ଷମ କରାଯିବାକୁ ପ୍ରସ୍ତାବ ଦେଇଥିଲେ।
- ସେ ମଧ ବିଭିନ୍ନ ଶ୍ମସାନ ଗୁଡ଼ିକର ପୁର୍ନରୁଦ୍ଧାର କାର୍ଯ୍ୟସହ ଶବଦାହ ନିମନ୍ତେ Shed ନିର୍ମାଣର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ।
- ଜୁବୁଲୀ ଟାୱାର ମଧରେ ଦୀର୍ଘ ବର୍ଷ ଧରି ଅବ୍ୟବହୃତ ଅବସ୍ଥାରେ ନିଗମ ଅଧିନରେ ରହିଥିବା ଘର ଗୁଡ଼ିକର ସୁବିନିଯୋଗ କରାଯାଇ ନିଗମର ଆୟପନ୍ଥାକୁ ବୃଦ୍ଧି କରାଯିବାକୁ ପ୍ରସ୍ତାବ ଦେଇଥିଲେ।
- ରାଜୀବ ଆବାସ ଯୋଜନାରେ ୧୦ଗୋଟି ବସ୍ତି ଚିହ୍ନଟ କରାଯାଇଥିଲେ ସୁଦ୍ଧା ଉକ୍ତ ବସ୍ତି ଗୁଡ଼ିକରେ ବିକାଶ ନିମନ୍ତେ, ଏହି ଯୋଜନାରେ ପ୍ରାପ୍ତ ଅନୁଦାନର ଯଥାଶିଘ୍ର ସୁବିନିଯୋଗ କରାଯିବାକୁ ପରାମର୍ଶ ଦେଇଥିଲେ।
- ନିଗମର ବିଭିନ୍ନ ଅଂଚଳରେ ଭଗ୍ନଭାବେ ରହିଥିବା ଶୌଚାଳୟ ଗୁଡ଼ିକର ପୁର୍ନିରୁଦ୍ଧାର ତଥା ମରାମତି କାର୍ଯ୍ୟ ନିମନ୍ତେ , ଯଥାଶିଘ୍ର ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରଯିବାକୁ ନିବେଦନ କରିଥିଲେ।
- ନିଗମର ମର୍କତ ନଗର ଅଂଚଳର ରାସ୍ତାଘାଟ, ଜଳ ନିଷ୍କାସନ ବ୍ୟବସ୍ଥା ପ୍ରତି ଦୃଷ୍ଟି ଦିଆଯାଇ ସେଠାରେ ଏକ ଉପଯୁକ୍ତ ସ୍ଥାନରେ କମ୍ୟୁନିଟ୍ ହଲ ନିର୍ମାଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ। ଏହି ଅଂଚଳରେ ଏକ ସରକାରୀ ଚିକିତ୍ସାଳୟ ନିର୍ମାଣ କରାଯିବାକୁ ମଧ ପ୍ରସ୍ତାବ ଦେଇଥିଲେ।
- ମହାନଗର ନିଗମର ରାଜସ୍ୱ ବୃଦ୍ଧି ନିମନ୍ତେ ସହରର ବିଭିନ୍ନ ଅଂଚଳରେ ଭେଣ୍ଡିଂ ଜୋନ ପ୍ରତିଷ୍ଠା କରାଯିବାକୁ ମଧ ପ୍ରସ୍ତାବ ଦେଇଥିଲେ।

- ନିଗମ ଅଧିନରେ ରହିଥିବା ୩୩ଗୋଟି ପାର୍କର ରକ୍ଷଣା ବେକ୍ଷଣା ନିମନ୍ତେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନିୟୋଜନ କରାଯାଇଥିଲେ ମଧ, ଦିର୍ଘଦିନ ଧରି ଏହି ପାର୍କ ଗୁଡିକର ଉପଯୁକ୍ତ ରକ୍ଷାଣବେକ୍ଷଣ ହେଉନଥିବାର ଅଭିଯୋଗ କରି ଏ ଦିଗରେ ସୁବ୍ୟବସ୍ଥା କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।
- ପରିମଳ ବ୍ୟବସ୍ଥା ନିମନ୍ତେ ମଶାତେଲ, ବ୍ଲିଚିଙ୍ଗ ପାଉଡର, ବୃଶ କଟିଙ୍ଗ କାର୍ଯ୍ୟକୁ ତ୍ୱରାନିତ କରାଯାଇ, ନିୟୋଜିତ କରାଯାଇଥିବା ସଂସ୍ଥାଙ୍କ ମାଧମରେ ନିୟମିତ ପ୍ରତ୍ୟେକ ୱାର୍ଡର ଆବର୍ଜନା ପରିବହନ କାର୍ଯ୍ୟକୁ ସଠିକ ଭାବେ କାର୍ଯ୍ୟକାରୀ କରାଯିବାକୁ ସେ ମଧ ମାନ୍ୟବର ମେୟର ଏବଂ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

**ଶ୍ରୀଯୁକ୍ତ ଧର୍ମାନନ୍ଦ ପାତ୍ର, କର୍ପୋରେଟର, ୱାର୍ଡ଼ ନଂ-୩୭ :**

- ଗତ ୨୦୧୨ଏବଂ ୨୦୧୩ ବର୍ଷରେ ପଙ୍କ ଉଦ୍ଧାର କାର୍ଯ୍ୟର ଦେୟ ସମ୍ପୃକ୍ତ ଠିକାଦାରମାନେ ପାଇନଥିବାରୁ , ଏ ଦିଗରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନିମନ୍ତେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।
- ନିଗମର ଆର୍ଥିକ ସ୍ଥିତିରେ ସୁଧାର ଅଣାଯାଇ, ନିଗମ ଅଂଚଳରେ ଅତ୍ୟାବଶ୍ୟକ ମୌଳିକ କାର୍ଯ୍ୟ ଗୁଡିକ ପ୍ରତି ଧାନ ଦେବାକୁ ସେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।
- ନିଗମ ଅଧିନରେ ରହିଥିବା ବିଭିନ୍ନ ପାର୍କ ଗୁଡିକର ରକ୍ଷାଣବେକ୍ଷଣ ନିମନ୍ତେ ଅତ୍ୟଧିକ ସଂଖ୍ୟକ କର୍ମଚାରୀ ମୁତୟନ କରାଯାଇ ଥିଲେ ମଧ ପାର୍କ ଗୁଡିକରେ ଆବଶ୍ୟକୀୟ ରକ୍ଷଣା ବେକ୍ଷଣ ହେଉନଥିବାର ବାରମ୍ବାର ଅଭିଯୋଗ ଆସୁଥିବାରୁ ଏ ଦିଗ ପ୍ରତି ଦୃଷ୍ଟି ଦିଆଯାଇ ଖର୍ଚ୍ଚ କାଟର ବ୍ୟବସ୍ଥା ଲାଗୁ କରାଯିବାକୁ ପ୍ରସ୍ତାବ ଦେଇଥିଲେ।
- ଖର୍ଚ୍ଚ କାଟର ବ୍ୟବସ୍ଥା ସ୍ୱରୁପ କେବଳ ବିଭାଗୀୟ ମୁଖ୍ୟଙ୍କ ନିମନ୍ତେ ଗାଡିର ବ୍ୟବସ୍ଥା କରାଯାଇ, ଅନ୍ୟ ଅଧିକାରୀମାନଙ୍କୁ ଗ୍ରସ୍ଥ ଖର୍ଚ୍ଚ ପ୍ରଦାନ କରାଯାଇ, ପ୍ରତ୍ୟେକ ମାସରେ ଘରୋଇ ସଂସ୍ଥାମାନଙ୍କ ମାଧମରେ ନିୟୋଜିତ ଗାଡିକୁ ସୀମିତ କରାଯିବାକୁ ପ୍ରସ୍ତାବ ଦେଇଥିଲେ।
- ବିଜୁ ଭବନ ତଥା ବିକାଶ ଭବନରେ ଅତ୍ୟଧିକ ସଂଖ୍ୟକ ଶୀତତାପ ନିୟନ୍ତ୍ରଣ ମେସିନ ସ୍ଥାପନ କରାଯାଇ, ଏ ଦିଗରେ ମାସିକ ବ୍ୟୟଭାରରେ ବୃଦ୍ଧି ଘଟୁଥିବାରୁ, ଏ ଦିଗପ୍ରତି ଦୃଷ୍ଟି ଦିଆଯାଇ ଖର୍ଚ୍ଚକାଟର ବ୍ୟବସ୍ଥା ଲାଗୁ କରାଯିବାକୁ ପରାମର୍ଶ ଦେଇଥିଲେ।
- ବର୍ତମାନ ଅବସ୍ଥାରେ ନିଗମର ବିଭିନ୍ନ ଅଂଚଳରେ ରାସ୍ତାଘାଟର ଅବସ୍ଥାକୁ ଦୃଷ୍ଟିରେ ରଖାଯାଇ, ଆସନ୍ତା ପାର୍ବଣ ସମୟ ନିମନ୍ତେ ଯଥାଶିଘ୍ର ରାସ୍ତାଘାଟର ମରାମତି କାର୍ଯ୍ୟ କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।
- ନିଗମର ସମସ୍ତ ୱାର୍ଡରେ ଆବର୍ଜନା ପରିବହନ କାର୍ଯ୍ୟ ନିମନ୍ତେ ଘରୋଇ ସଂସ୍ଥାକୁ ଦାୟିତ୍ୱ ଅର୍ପଣ କରାଯାଇଥିଲେ ମଧ, ଏହି କାର୍ଯ୍ୟ ନିମନ୍ତେ ନିଗମ ଦ୍ୱାରା ୧୫ଟିରୁ ଅଧିକ ଟ୍ରାକ୍ଟର ମାସିକ ଭଡାରେ ନିୟୋଜନ କରାଯାଇ ବ୍ୟୟଭାର ବୃଦ୍ଧି କରାଯାଉ ଥବାରୁ, ଏ ଦିଗ ପ୍ରତି ଧାନ ଦେବାକୁ ପରାମର୍ଶ ମଧ ଦେଇଥିଲେ।
- ପ୍ରତ୍ୟେକ ମାସରେ ପ୍ରତ୍ୟେକ ୱାର୍ଡ ନିମନ୍ତେ ଅତିରିକ୍ତ କୁଲୀ ନିୟୋଚନ କରାଯାଉ ଥିଲେ ମଧ, କାର୍ଯ୍ୟ କ୍ଷେତ୍ରରେ ସେମାନଙ୍କ ଉପସ୍ଥିତିରେ ସଠିକ ହିସାବ ରଖା ଯାଉନଥିବାରୁ , କେବଳ ମାସିକ ବ୍ୟୟଭାର ବୃଦ୍ଧି ହେଉଥିବାର ହେଉଥିବାର ଅଭିଯୋଗ କରିଥିଲେ । ଏହି କାର୍ଯ୍ୟ ତଦାରକର ବ୍ୟବସ୍ଥା ନିମନ୍ତେ ନିୟୋଜିତ ଇନ୍ସପେକ୍ଟର ତଥା ସୁପରଭାଇଜରମାନେ ସେମାନଙ୍କ କର୍ତ୍ତବ୍ୟରେ ଅବହେଳା ପଦର୍ଶନ କରୁଥିବା ମଧ ପ୍ରକାଶ କରିଥିଲେ ।
- ସେହିପରି ପ୍ରତ୍ୟେକ ୱାର୍ଡ ନିମନ୍ତେ ୪ଜଣ ଲେଖାଁଏ NFCP କୁଲୀ ମୁତୟନ କରାଯାଇଥିଲେ ମଧ, ନିୟମିତ ସେମାନେ ୱାର୍ଡ କାର୍ଯ୍ୟ ନିମନ୍ତେ ଆସୁନଥିବାର ଅଭିଯୋଗ କରିଥିଲେ।
- ସେହିପରି ୱାର୍ଡରେ ମଶାତେଲ, ନିୟୋଜିତ କର୍ମଚାରୀଙ୍କ ମାଧମରେ ପକାଯିବାରେ ଅନେକ ହେରଫେର ହୋଉଥିବାର ଅଭିଯୋଗ କରିଥିଲେ ଏବଂ ଯଥାଶିଘ୍ର ନିଗମର ଆର୍ଥିକ କ୍ଷତିକୁ ବନ୍ଦ କରାଯିବାକୁ ସମସ୍ତଙ୍କ ଉଦ୍ୟମ ତଥା ସହଯୋଗ କାମନା କରିଥିଲେ ।
- ୱାର୍ଡର ପରିସୀମା ଅନୁଯାୟୀ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ନିୟୋଜିତ କର୍ମଚାରୀମାନେ ନିୟମିତ କାର୍ଯ୍ୟ କରୁନଥିବାର ଅଭିଯୋଗ କରି ଏ ଦିଗରେ ଯଥାଶିଘ୍ର କମିଶନର ଏବଂ ସ୍ୱାସ୍ଥ୍ୟ ଅଧିକାରୀଙ୍କ ଦ୍ୱାରା କାର୍ଯ୍ୟାନୁଷ୍ଠାନ ନିମନ୍ତେ ନିବେଦନ କରିଥିଲେ ।

❖ କଟକର ବିଭିନ୍ନ ଅଂଚଳରେ ବୁଲା କୁକୁର ଏକ ସମସ୍ୟା ସୃଷ୍ଟି କରିଥିବାରୁ ଯଥାଶିଘ୍ର ଏହାର ନିରାକରଣ ନିମନ୍ତେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି କରିଥିଲେ।

❖ ନିଗମର ସ୍ୱାସ୍ଥ୍ୟ ଷ୍ଟାଣ୍ଡିଙ୍ଗ କମିଟିର ଉଦ୍ୟମରେ ପ୍ରତ୍ୟେକ ୱାର୍ଡ ନିମନ୍ତେ ନୂତନ ବୈଦ୍ୟୁତିକ ଆଲୋକ ଏବଂ ମରାମତି କାର୍ଯ୍ୟ ତ୍ୱରାନିତ କରାଯାଇଥିବାରୁ, ଏହି ପଦକ୍ଷେପ ନିମନ୍ତେ ଧନ୍ୟବାଦ ଜ୍ଞାପନ କରିଥିଲେ।

❖ ବିଭିନ୍ନ ୱାର୍ଡମାନଙ୍କରେ ଡେଙ୍ଗୁ ରୋଗର ସଚେତନତା କାର୍ଯ୍ୟକ୍ରମ ମଧରେ ବହୁ ସଂଖ୍ୟାରେ ନିଗମର ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ମାନଙ୍କୁ ସାମିଲ କରାଯିବାକୁ ମଧ ପ୍ରସ୍ତାବ ଦେଇଥିଲେ।

❖ ନିଗମ ଦ୍ୱାରା ବିଭିନ୍ନ ଦାରିଦ୍ର ଦୂରୀକରଣ ଯୋଜନା ମାଧମରେ ଉପଯୁକ୍ତ ହିତାଧିକାରୀମାନଙ୍କୁ ଭତା ପ୍ରଦାନ କ୍ଷେତ୍ରରେ କେବଳ ସମ୍ପୃକ୍ତ ୱାର୍ଡର କର୍ପୋରେଟରମାନଙ୍କ ସୁପାରିଶ ଅନୁଯାୟୀ କରାଯିବାକୁ ପ୍ରସ୍ତାବ ଦେଇ ନିଗମର ପ୍ରକଳ୍ପ ବିଭାଗ ଦ୍ୱାରା ଦଲାଲମାନଙ୍କ ମାଧମରେ କରାଯାଉଥିବା କାର୍ଯ୍ୟକୁ ଯଥାଶିଘ୍ର ବନ୍ଦ କରାଯିବାକୁ ପ୍ରସ୍ତାବ ଦେଇଥିଲେ।

❖ ନିଗମ ଅଂଚଳରେ ସ୍ଥାପନ କରାଯାଇଥିବା ପ୍ରତ୍ୟେକ ମୋବାଇଲ ଟାୱାର ଗୁଡିକର ତାଲିକା ପ୍ରଦାନ କରାଯାଇ ନିୟମ ଅନୁଯାୟୀ ନିର୍ଦ୍ଧାରିତ ଲାଇସେନ୍ସ ଫି ଆଦାୟ ଏବଂ ଅନୁମତି ପ୍ରଦାନ କରିବାକୁ ପ୍ରସ୍ତାବ ଦେଇଥିଲେ ।

❖ ସେହିପରି ବିଭିନ୍ନ କମ୍ପାନିମାନଙ୍କ ଦ୍ୱାରା Underground Optic Fibre Cable କାର୍ଯ୍ୟ ସହରର ବିଭିନ୍ନ ଅଂଚଳରେ କରାଯାଉଥିବା ଦୃଷ୍ଟିରୁ ଏ ଦିଗରେ ଦାୟିତ୍ୱରେ ରହିଥିବା ଅଧିକାରୀ ମାନଙ୍କ ଦ୍ୱାରା ତଦାରକର ବ୍ୟବସ୍ଥା କରାଯାଇ , ନିୟମ ଅନୁଯାୟୀ ନିର୍ଦ୍ଧାରିତ ହାରରେ ଲାଇସେନ୍ସ ଫି ଆଦାୟର ତ୍ୱରାନ୍ୱିତ କରାଯିବାକୁ ପ୍ରସ୍ତାବ ଦେଇଥିଲେ।

**ଶ୍ରୀଯୁକ୍ତା ରଞ୍ଜିତା ବିଶ୍ୱାଳ, କର୍ପୋରେଟର, ୱାର୍ଡ ନଂ-୭ :**

❖ ବିଭିନ୍ନ ୱାର୍ଡମାନଙ୍କରେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ନାମରେ ଅନେକ ଦଲାଲ ବିଭିନ୍ନ ଭତା ମଞ୍ଜୁର କରିବାର ପ୍ରଲୋଭନ ଦେଖାଇ, ଟଙ୍କା ଆଦାୟ କରୁଥିବାର ବାରମ୍ବାର ଅଭିଯୋଗ ପ୍ରାପ୍ତ ହେଉଥିବା ଦୃଷ୍ଟିରୁ, କେବଳ ସମ୍ପୃକ୍ତ ୱାର୍ଡର କର୍ପୋରେଟରମାନଙ୍କ ସୁପାରିଶ କ୍ରମେ, ବିଭିନ୍ନ ଭତା ମଞ୍ଜୁର କରାଯିବାକୁ ପ୍ରସ୍ତାବ ଦେଇଥିଲେ। ସେ ମଧ ଏଦିଗରେ ଦଲାଲମାନଙ୍କୁ ବାଦ ଦିଆଯାଇ, କେବଳ ପ୍ରକୃତ ହିତାଧିକାରୀ ମାନଙ୍କଠାରୁ ଏହି ଆବେଦନ ପତ୍ର ଗୁଡିକ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ।

❖ ବୈଠକରେ କର୍ପୋରେଟରମାନେ ପ୍ରଦାନ କରୁଥିବା ସମସ୍ତ ପ୍ରସ୍ତାବ ଗୁଡିକ ବିବରଣୀ ମଧରେ ସ୍ଥାନ ଦେବାକୁ ସେ ମଧ ପ୍ରସ୍ତାବ ଦେଇଥିଲେ।

**ଶ୍ରୀମତୀ ଅଞ୍ଜୁଶ୍ରୀ ଜେନା, କର୍ପୋରେଟର, ୱାର୍ଡ ନଂ-୧୪ :**

❖ ନିକଟରେ ସମ୍ବାଦପତ୍ର ମାଧମରେ ପ୍ରକାଶିତ ସମ୍ବାଦ ଉପରେ ଦୃଷ୍ଟି ଆକର୍ଷଣ କରି କାଜିବଜାର-ମେହେନ୍ଦିପୁର-ଭକ୍ତ ମଧୁ ବିଦ୍ୟାପୀଠ ପର୍ଯ୍ୟନ୍ତ ରାସ୍ତା ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ରହିଥିବାରୁ, ଏହି ରାସ୍ତାକାର୍ଯ୍ୟ ନିମନ୍ତେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

**ଶ୍ରୀଯୁକ୍ତ ବିଜୟ କୁମାର ସାହୁ , କର୍ପୋରେଟର, ୱାର୍ଡ ନଂ-୩୧ :**

❖ ପ୍ରଥମ ପର୍ଯ୍ୟାୟରେ ପ୍ରତ୍ୟେକ ୱାର୍ଡ ୱାରୀ ୧୫ଲକ୍ଷ ଟଙ୍କା ମଧରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ନିମନ୍ତେ ନିଗମର ୱାର୍କସ ଷ୍ଟାଣ୍ଡିଙ୍ଗ କମିଟି ଦ୍ୱାରା ଆଗତ ପ୍ରସ୍ତାବକୁ ସ୍ୱାଗତ କରିବା ସଂଙ୍ଗେ ସଂଙ୍ଗେ,ଏହି ପ୍ରସ୍ତାବକୁ ଅନୁମୋଦନ କରାଯାଇ, ଯଥାଶିଘ୍ର ନିଗମର ଯନ୍ତ୍ରୀ ବିଭାଗ ଦ୍ୱାରା ପ୍ରସ୍ତାବ ଗୁଡିକ କାର୍ଯ୍ୟକାରୀ ନିମନ୍ତେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ମତ ଦେଇଥିଲେ ।

❖ ସେ ମଧ କଣ୍ଟ୍ରାକ୍ଟ ଷ୍ଟାଣ୍ଡିଙ୍ଗ କମିଟି ଦ୍ୱାରା ଆଗତ କରାଯାଇଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ତଥା ବୈଦ୍ୟୁତିକ ସାମଗ୍ରୀ ସଂଗ୍ରହଣ ନିମନ୍ତେ ପ୍ରସ୍ତାବ ଗୁଡିକ ଦୃଢୀକରଣ କରାଯାଇ, ଯଥାଶିଘ୍ର କାର୍ଯ୍ୟାଦେଶ ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ।

❖ ଡେଙ୍ଗୁ ରୋଗର ନିରାକରଣ ନିମନ୍ତେ ନିଗମର ବିଭିନ୍ନ ଅଂଚଳରେ କଟକ ଜିଲ୍ଲାପାଳ, ମାନ୍ୟବର ମେୟର, ଡେପୁଟି ମେୟର , କମିଶନର ତଥା ସ୍ୱାସ୍ଥ୍ୟ ଷ୍ଟାଣ୍ଡିଙ୍ଗ କମିଟିର ନେତୃତ୍ୱରେ କରାଯାଉଥିବା ସଚେତନତା କାର୍ଯ୍ୟକ୍ରମ ନିମନ୍ତେ ଧନ୍ୟବାଦ ଜ୍ଞାପନ କରି, ଏହି କାର୍ଯ୍ୟକ୍ରମ ଗୁଡିକରେ ସ୍ଥାନୀୟ କର୍ପୋରେଟର ମାନଙ୍କ ଭୂମିକାକୁ ପ୍ରଶଂସା କରିଥିଲେ ।

❖ ଆସନ୍ତା ଦୁର୍ଗା ପୂଜାକୁ ଦୃଷ୍ଟିରେ ରଖାଯାଇ, ବିଭିନ୍ନ ୱାର୍ଡର ବୈଦ୍ୟୁତିକ ଆଲୋକ ବ୍ୟବସ୍ଥାକୁ ତ୍ୱରାନିତ କରଯିବାକୁ ମଧ ପ୍ରସ୍ତାବ ଦେଇଥିଲେ । ନିଗମର ଯନ୍ତ୍ରୀ ବିଭାଗ ଦ୍ୱାରା ପ୍ରତ୍ୟେକ ୱାର୍ଡର ଆଲୋକ ବ୍ୟବସ୍ଥାକୁ ନିୟମିତ ଅନୁଧାନ କରାଯାଇ, ଆବଶ୍ୟକୀୟ ମରାମତି ତଥା ନୂତନ ଆଲୋକର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ କମିଶନରଙ୍କ ଦ୍ୱାରା ନିଗମର ସମୁହ ବିକାଶ ଦିଗରେ ପ୍ରତ୍ୟେକ କ୍ଷେତ୍ରରେ ଗ୍ରହଣ କରାଯାଉଥିବା ପଦକ୍ଷେପ ନିମନ୍ତେ ଧନ୍ୟବାଦ ଜ୍ଞାପନ କରିବା ସଂଗେ ସଂଗେ, ବିଭିନ୍ନ କର୍ପୋରେଟରମାନଙ୍କ ଦ୍ୱାରା ଆଗତ କରାଯାଉଥିବା ପ୍ରସ୍ତାବ ତଥା ସମସ୍ୟା ଗୁଡିକର ସମାଧାନ ଦିଗରେ ବ୍ୟକ୍ତିଗତ ଭାବେ କ୍ଷେତ୍ର ପରିଦର୍ଶନ କରି ଗ୍ରହଣ କରାଯାଉଥିବା ପଦକ୍ଷେପ ନିମନ୍ତେ ମଧ ସାଧୁବାଦ ଜଣାଇଥିଲେ ।

❖ ନିଗମ ଦ୍ୱାରା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ନିମନ୍ତେ ରାଜ୍ୟ ସରକାରଙ୍କ ଠାରୁ ବିଭିନ୍ନ ଯୋଜନା ମାଧମରେ ଅତିରିକ୍ତ ପାଣ୍ଠିର ବ୍ୟବସ୍ଥା କରାଯିବାକୁ ମାନ୍ୟବର ମେୟର , ଡେପୁଟି ମେୟର , ସମସ୍ତ ଷ୍ଟାଣ୍ଡିଙ୍ଗ କମିଟିର ଅଧକ୍ଷ/ଅଧକ୍ଷାମାନେ ସେମାନଙ୍କର ଉଦ୍ୟମ ଅବ୍ୟାହତ ରଖିବାକୁ ନିବେଦନ କରି, ଏ ଦିଗରେ ସ୍ଥାନୀୟ ବିଧାୟକ ତଥା ସାଂସଦ ମାନଙ୍କର ସହାୟତାରେ ରାଜ୍ୟ ନଗର ଉନ୍ନୟନ ବିଭାଗ ମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନା କରଯିବାକୁ ପରାମର୍ଶ ଦେଇଥିଲେ ।

**ଶ୍ରୀଯୁକ୍ତ ବିକାଶ ରଞ୍ଜନ ବେହେରା, ଅଧକ୍ଷ, ଲାଇସେନ୍ସ ଆଣ୍ଡ ଅପିଲ ଷ୍ଟାଣ୍ଡିଙ୍ଗ କମିଟି :**

❖ ଆସନ୍ତା ସ୍ୱାୟତ ଶାସନ ଦିବସ ପାଳନ ନିମନ୍ତେ ବୈଠକରେ ଆଗତ କରାଯାଇଥିବା ପ୍ରସ୍ତାବକୁ ସ୍ଥଗିତ ରଖାଯାଇ, ଏ ସଂପର୍କରେ ଆଲୋଚନା ନିମନ୍ତେ କାଉନସିଲର ଏକ ସ୍ୱତନ୍ତ୍ର ଅଧିବେସନ ଡକାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

❖ ବୈଠକରେ ବିଭିନ୍ନ ଷ୍ଟାଣ୍ଡିଙ୍ଗ କମିଟି ମାଧମରେ ଉପସ୍ଥାପନ କରାଯାଇଥିବା ପ୍ରସ୍ତାବ ଗୁଡିକ ଦୃଢୀକରଣ କରାଯିବାକୁ ସେ ମଧ ନିବେଦନ କରିଥିଲେ ।

❖ ବୈଠକରେ ବିଭିନ୍ନ ସଦସ୍ୟ ମାନଙ୍କଦ୍ୱାରା ନିଗମର ବିଭିନ୍ନ ଖର୍ଚ୍ଚକାଟ ଦିଗରେ ଆଗତ କରାଯାଇଥିବା ପ୍ରସ୍ତାବ ଗୁଡିକୁ ସ୍ୱାଗତ କରି ପୂର୍ବ ବୈଠକରେ ଗ୍ରହଣ କରାଯାଇଥିବା ବିଭିନ୍ନ ନିଷ୍ପତି ଗୁଡିକ କାର୍ଯ୍ୟକାରୀ ଦିଗରେ ଯଥାଶିଘ୍ର ପଦକ୍ଷେପ ଗ୍ରହଣ କରାଯିବାକୁ ମତ ଦେଇଥିଲେ ।

❖ ପୂର୍ବ ବର୍ଷମାନଙ୍କ ତୁଳନାରେ ଚଳିତ ବର୍ଷ ଡେଙ୍ଗୁ ରୋଗର ନିୟନ୍ତ୍ରଣ ନିମନ୍ତେ ନିଗମଦ୍ୱାରା ଗ୍ରହଣ କରାଯାଇଥିବା ପଦକ୍ଷେପକୁ ସ୍ୱାଗତ କରି, ବିଭିନ୍ନ ୱାର୍ଡ ମଧରେ ଏହି ରୋଗର ନିରାକରଣ ନିମନ୍ତେ କରାଯାଉଥିବା ଜନସଚେତନା କାର୍ଯ୍ୟକ୍ରମ ଗୁଡିକ ଅତ୍ୟନ୍ତ ଫଳପ୍ରଦ ହେଉଥିବାର ସୂଚନା ଦେଇଥିଲେ ।

❖ ସ୍ୱାସ୍ଥ୍ୟ ବିଭାଗର କ୍ଷେତ୍ର କର୍ମଚାରୀମାନେ କାର୍ଯ୍ୟକ୍ଷେତ୍ରରେ ସମ୍ପୃକ୍ତ କର୍ପୋରେଟର ମାନଙ୍କୁ ସହଯୋଗ ପ୍ରଦାନ କରୁନଥିବାର ବାରମ୍ବାର ଅଭିଯୋଗ ପ୍ରାପ୍ତ ହେଉଥିବାରୁ, ଏଦିଗରେ ନିଗମର ସ୍ୱାସ୍ଥ୍ୟ ଅଧିକାରୀ ତଥା ମ୍ୟୁନିସପାଲ କମିଶନରଙ୍କ ଦ୍ୱାରା ବିହିତ କାର୍ଯ୍ୟାନୁଷ୍ଠାନ ଏବଂ ନିର୍ଦ୍ଦେଶନାମା ଜାରୀ କରାଯିବାକୁ ମତ ଦେଇଥିଲେ ।

❖ ସେହିପରି ଯନ୍ତ୍ରୀ ବିଭାଗର ଅଧିକାରୀମାନେ ୱାର୍ଡର ପ୍ରତ୍ୟେକ କାର୍ଯ୍ୟ, ସମ୍ପୃକ୍ତ କର୍ପୋରେଟର ମାନଙ୍କ ଅବଗତରେ କରାଯିବା ନିମନ୍ତେ ମତ ଦେଇଥିଲେ ।

- ❖ ବିକାଶ ଭବନ ବଦଳରେ ନିଗମର କଣ୍ଟ୍ରୋଲ ରୁମରୁ ବିଭିନ୍ନ ୱାର୍ଡ ନିମନ୍ତେ ସ୍ଥାପନ କରାଯାଇଥିବା ପମ୍ପ୍ ଗୁଡିକ ନିମନ୍ତେ ସମ୍ପୃକ୍ତ କର୍ପୋରେଟରମାନଙ୍କ ସୁପାରିଶ କ୍ରମେ ତେଲ କୁପନ ଇସୁ କରାଯିବାକୁ ପ୍ରସ୍ତାବ ଦେଇଥିଲେ।

- ❖ ବୈଠକରେ ଗ୍ରହଣ କରାଯାଇଥିବା ନିଷ୍ପତି ଗୁଡିକ କାର୍ଯ୍ୟାକାରୀ ଦିଗରେ ନିଗମର ସମ୍ପୃକ୍ତ ବିଭାଗମାନଙ୍କୁ ଯଥାଶିଘ୍ର ଅବଗତ କରାଯିବାକୁ ପ୍ରସ୍ତାବ ଦେଇଥିଲେ।

- ❖ ନିଗମ ଅଧିନରେ ରହିଥିବା ସମସ୍ତ ପାର୍କ ଗୁଡିକର ରକ୍ଷଣା ବେକ୍ଷଣ କାର୍ଯ୍ୟ ନିମନ୍ତେ ଦାୟିତ୍ୱରେ ରହିଥିବା କର୍ମଚାରୀମାନଙ୍କ ସଠିକ ମୁଲ୍ୟାୟନ ସହ, ପାର୍କ ଗୁଡିକ ମଧରେ ନୂତନ କିଓସ୍କୋ ନିର୍ମାଣ କରାଯାଇ, ନିଗମର ଆୟପନ୍ଥା ବୃଦ୍ଧି କରାଯିବା ନିମନ୍ତେ ମଧ ପ୍ରସ୍ତାବ ଦେଇଥିଲେ।

**<u>ଶ୍ରୀଯୁକ୍ତ ରାମଜାନ ଖାନ , କର୍ପୋରେଟର, ୱାର୍ଡ଼ ନଂ-୧୬ :</u>**

- ❖ ବୈଠକରେ ପ୍ରଥମେ ସମସ୍ତ କର୍ପୋରେଟର ମାନଙ୍କୁ ସେମାନଙ୍କର ୱାର୍ଡର ବିଭିନ୍ନ ସମସ୍ୟା ଗୁଡିକ ଉପସ୍ଥାପନା କରାଯିବାକୁ ସୁଯୋଗ ପ୍ରଦାନ କରିବାକୁ ମତ ଦେଇ, ସମସ୍ତଙ୍କୁ ଇଦ୍‌ପର୍ବ ନିମନ୍ତେ ଅଭିନନ୍ଦନ ଜ୍ଞାପନ କରିଥିଲେ।

- ❖ ଗତ କାଉସିଲ ବୈଠକରେ ଗ୍ରହଣ କରାଯାଇଥିବା ନିଷ୍ପତି ମଧରୁ, ବର୍ତମାନ ସୁଦ୍ଧା କେତେକ କାର୍ଯ୍ୟକାରୀ କରାଯାଇ ପାରିଛି ଏବଂ କେଉଁ ସମସ୍ୟା ନିମନ୍ତେ ଅନାନ୍ୟ ନିଷ୍ପତି ଗୁଡିକୁ କାର୍ଯ୍ୟକାରୀ କରାଯାଇ ପାରି ନାହିଁ , ସେ ସମ୍ପର୍କରେ ଆଲୋଚନା ତଥା ସମିକ୍ଷା କରାଯିବାକୁ ପ୍ରସ୍ତାବ ଦେଇଥିଲେ।

- ❖ ସମସ୍ତ କର୍ପୋରେଟରମାନଙ୍କ ସହଯୋଗ ତଥା ଏକ ସୁସ୍ଥ ବାତାବରଣ ମଧରେ ପ୍ରତ୍ୟେକ କାଉସିଲ ବୈଠକ ଅନୁଷ୍ଠିତ ହୋଇ ଅନେକ ଗଠନ ମୂଳକ ପ୍ରସ୍ତାବ ପ୍ରଦାନ କରାଯାଇଥିବା ଦୃଷ୍ଟିରୁ , କଟକ ସହରର ସାମୁହିକ ବିକାଶ ନିମନ୍ତେ, ନିଗମର ନିଜସ୍ୱ ଆୟବୃଦ୍ଧି ଦିଗରେ ଗୁରୁତ୍ୱ ପ୍ରଦାନ କରାଯିବାକୁ ମତ ଦେଇଥିଲେ। ନିଗମର ଦୋକାନ ଗୃହର ମାସିକ ଭଡା ବୃଦ୍ଧି ସହ ବକେୟା ଦେୟର ଆଦାୟ, ଗୃହର ଟିକସର ପ୍ରକୃତ ଆକଳନ କରାଯାଇ ଏଗୁଡିକର ଆଦାୟ, ଏବଂ ନିଗମର ବିଭିନ୍ନ ସ୍ଥାନରେ ରହିଥିବା ଭୂସମ୍ପତିର ପୁର୍ନରୁଦ୍ଧାର କରାଯିବାକୁ ମଧ ପ୍ରସ୍ତାବ ଦେଇଥିଲେ।

- ❖ ୱାର୍ଡ ମଧରେ ରହିଥିବା ହରିଣ ପାର୍କର ଅନେକ କାର୍ଯ୍ୟ ନିମନ୍ତେ ପ୍ରସ୍ତାବ ଆଗତ କରାଯାଇଥିଲେ ମଧ, ବର୍ତମାନ ସୁଦ୍ଧା ସେଗୁଡିକ କାର୍ଯ୍ୟକାରୀ କରାଯାଇନଥିବାରୁ, ହରିଣ ମାନେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରହିଥିବାରୁ, ଅଗ୍ରାଧିକାର ଭିତିରେ ଏହି କାର୍ଯ୍ୟକୁ କରାଯିବାକୁ ପ୍ରସ୍ତାବ ଦେଇଥିଲେ।
- ❖ ଆସନ୍ତା ପାର୍ବଣ ଋତୁକୁ ଦୃଷ୍ଟିରେ ରଖାଯାଇ ଯଥାଶିଘ୍ର ନିଗମର ବିଭିନ୍ନ ରାସ୍ତାଘାଟର ମରାମତି ଏବଂ ବୈଦ୍ୟୁତିକ ଆଲୋକ ବ୍ୟବସ୍ଥା ପ୍ରତି ଗୁରୁତ୍ୱ ପ୍ରଦାନ କରାଯିବାକୁ, ବିଭାଗୀୟ ଅଧିକାରୀମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।
- ❖ ଜାଇକା ପ୍ରକଳ୍ପ କାର୍ଯ୍ୟ ନିମନ୍ତେ ୱାର୍ଡମାନଙ୍କରେ ଅନେକ ସମସ୍ୟା ସୃଷ୍ଟି ହେଉଥିବାରୁ, ଯଥାଶିଘ୍ର ଜାଇକା ପ୍ରକଳ୍ପ କର୍ତୃପକ୍ଷଙ୍କ ସହ ବୈଠକ ଡକାଯାଇ, ସମ୍ପୃକ୍ତ କର୍ପୋରେଟରମାନଙ୍କୁ ସେମାନଙ୍କର ସମସ୍ୟା ଗୁଡିକ ଉପସ୍ଥାପନ ତଥା ସମାଧାନର ପନ୍ଥା ନିର୍ଦ୍ଧାରଣ କରାଯିବାକୁ ମତ ଦେଇଥିଲେ।
- ❖ ପ୍ରତ୍ୟେକ ୱାର୍ଡର ହାଜିରା ପଏଣ୍ଟରେ ୱାର୍ଡର ଦାୟିତ୍ୱରେ ରହିଥିବା ମେଟ୍ ଓ ଜମାଦାର ମାନେ ନିୟମିତ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହୁନଥିବାରୁ ବିଭିନ୍ନ ୱାର୍ଡର ପରିମଳ ବ୍ୟବସ୍ଥା ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ରହିଥିବା ପ୍ରକାଶ କରିଥିଲେ ଏବଂ ଏଥିପାଇଁ ନିଗମର ସ୍ୱାସ୍ଥ୍ୟ ବିଭାଗ ଅଧିକ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ।
- ❖ ନିଗମର ପ୍ରକଳ୍ପ ବିଭାଗ ମାଧମରେ ବିଭିନ୍ନ ହିତାଧିକାରୀ ମାନଙ୍କ ଭତା ମଞ୍ଜୁର କ୍ଷେତ୍ରରେ ଦଲାଲ କାରବାରକୁ ବନ୍ଦ କରାଯାଇ, ସମ୍ପୃକ୍ତ କର୍ପୋରେଟର ମାନଙ୍କ ସୁପାରିଶ ତଥା ପ୍ରକୃତ ହିତାଧିକାରୀ ମାନଙ୍କୁ ଚିହ୍ନଟ କରାଯାଇ ବିଭିନ୍ନ ଭତା ମଞ୍ଜୁର ନିମନ୍ତେ ସୁପାରିଶ କରାଯିବାକୁ ପରାମର୍ଶ ଦେଇଥିଲେ।

- କାଉନସିଲ ବୈଠକରେ ଗଣମାଧମ ପ୍ରତିନିଧି ମାନଙ୍କୁ ବସିବାର ସୁଯୋଗ ପ୍ରଦାନ କରାଯିବା ସଂମ୍ପର୍କରେ  ଏକ ନିଷ୍ପତି ଗ୍ରହଣ କରାଯିବାକୁ ସେ ମଧ ପ୍ରସ୍ତାବ ଦେଇଥିଲେ।
- ନିଗମର ଆର୍ଥିକ ସ୍ଥିତିକୁ  ଅନୁଧାନ କରାଯାଇ ,ବିଭିନ୍ନ ଠିକାଦାର ମାନଙ୍କର ବକେୟା ଦେୟକୁ ଯଥାଶିଘ୍ର ପ୍ରଦାନ ନିମନ୍ତେ କର୍ଯ୍ୟାନଷ୍ଠାନ ଗ୍ରହଣ କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।
- ୱାର୍ଡର ହରିଣ ପାର୍କଠାରୁ  ବିଜୁ ପଟ୍ଟନାୟକ ଛକ ମାଛ ମାର୍କେଟ ପର୍ଯ୍ୟନ୍ତ ଡ୍ରେନର ପୁର୍ନରୁଦ୍ଧାର କାର୍ଯ୍ୟ ଯଥାଶିଘ୍ର ଅଗ୍ରାଧିକାର ଭିତିରେ  କରାଯିବାକୁ ପ୍ରସ୍ତାବ ମଧ ଦେଇଥିଲେ।

ସଦସ୍ୟ ଶ୍ରୀଯୁକ୍ତ ହେମନ୍ତ କୁମାର ବେହେରା କହିଥିଲେ ୱାର୍ଡ ମଧରେ ନିଗମର ଯନ୍ତ୍ରୀ ବିଭାଗ ଦ୍ୱାରା ବିଭିନ୍ନ କାର୍ଯ୍ୟ କରାଯାଉଥିଲେ ମଧ,  ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀମାନେ ସମ୍ପୃକ୍ତ କର୍ପୋରେଟରମାନଙ୍କୁ ଏ ସମ୍ପର୍କରେ  କୌଣସି ସୂଚନା  ପ୍ରଦାନ କରୁନଥିବାର ଅଭିଯୋଗ  କରିଥିଲେ। ସେ ମଧ ଗତ କାଉନସିଲ ବୈଠକରେ ଗ୍ରହଣ କରାଯାଇଥିବା ନିଷ୍ପତି  ଗୁଡିକର କାର୍ଯ୍ୟକାରୀ ସଂମ୍ପର୍କରେ  ଆଲୋଚନା କରାଯିବାକୁ  ପ୍ରସ୍ତାବ ଦେଇଥିଲେ।

**ବୈଠକରେ ସଦସ୍ୟମାନଙ୍କ ଦ୍ୱାରା ବିଭିନ୍ନ ପ୍ରସଙ୍ଗରେ ପ୍ରକାଶ ପାଉଥିବା ଉଦବେଗକୁ ଦୃଷ୍ଟିରେ ରଖାଯାଇ, ବୈଠକର କାର୍ଯ୍ୟସୂଚୀ ମଧରେ ଗତ ବୈଠକ ବିବରଣୀର ବିଭିନ୍ନ ପ୍ରସଙ୍ଗ ଉପରେ ACTION TEKEN REPORTକୁ ଅନ୍ତର୍ଭୁକ୍ତ କରିବା ନିମେନ୍ତ କମିଶନର ପ୍ରସ୍ତାବ ଦେଇଥିଲେ । ବୈଠକରେ ବିଭିନ୍ନ ସଦସ୍ୟ/ସଦସ୍ୟା ମାନଙ୍କଦ୍ୱାରା  ପ୍ରକାଶ ପାଉଥିବା ଉଦବେଗ ତଥା ଗଠନ ମୂଳକ ପ୍ରସ୍ତାବ ଗୁଡିକ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କ ଦ୍ୱାରା ଅନୁଧାନ କରାଯାଇ କାର୍ଯ୍ୟକାରୀ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବାକୁ ସେ ମଧ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କ ଦୃଷ୍ଟି ଆର୍କଷଣ କରିଥିଲେ । ବୈଠକର ବିବରଣୀକୁ  ଅପେକ୍ଷା ନ କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ  ନିଗମର ପ୍ରଶାସନିକ ପରିଚଳନା କ୍ଷେତ୍ରରେ  ସଂସ୍କାର ମୂଳକ ପଦକ୍ଷେପ ଗୁଡିକ ଯଥାଶିଘ୍ର କାର୍ଯ୍ୟକାରୀ ନିମନ୍ତେ ନିର୍ଦ୍ଦେଶ ମଧ ଦେଇଥିଲେ । ସେ ମଧ କାଉନସିଲ ବୈଠକମାନଙ୍କରେ ଗଣମାଧମ ପ୍ରତିନିଧିମାନଙ୍କ ଉପସ୍ଥିତ ରହିବା ପ୍ରସଙ୍ଗରେ କାଉନସିଲ୍ ଦ୍ୱାରା ବିଧିବଦ୍ଧ ନିଷ୍ପତି ଗ୍ରହଣ କରାଯିବାକୁ  ପ୍ରସ୍ତାବ ଦେଇଥିଲେ ।**

**କାଉସିଲ ବୈଠକରେ ଗଣମାଧମ ପ୍ରତିନିଧିମାନଙ୍କୁ ବସିବାର ଅନୁମତି ପ୍ରଦାନ କରାଯିବାକୁ ବିଭିନ୍ନ ସଦସ୍ୟ/ସଦସ୍ୟାମାନେ ମତ ବ୍ୟକ୍ତ କରିଥିଲେ ।**

## ଶ୍ରୀଯୁକ୍ତ ବିଜୟ କୁମାର ଦଳାଇ , କର୍ପୋରେଟର, ୱାର୍ଡ ନଂ-୧୧  :

- ବିଭିନ୍ନ  ୱାଡର ଉନ୍ନୟନ ମୂଳକ କାର୍ଯ୍ୟ ଗୁଡିକ ଜାଇକା  ପ୍ରକଳ୍ପ କାର୍ଯ୍ୟ ନିମନ୍ତେ  ବିଳମ୍ବିତ ହେଉଥିବାର  ଅଭିଯୋଗ କରିଥିଲେ। ସେ ମଧ ୱାଡରେ ପୂର୍ବରୁ  କରାଯାଉଥିବା ପଙ୍କ ଉଦ୍ଧାର କାର୍ଯ୍ୟ ଗୁଡିକ, ଏହି  ପ୍ରକଳ୍ପ କାର୍ଯ୍ୟ ନିମନ୍ତେ ବାଧାପ୍ରାପ୍ତ ହେଉଥିବାରୁ, ଏ ଦିଗରେ  କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।
- ଡେଙ୍ଗୁ ରୋଗର ପ୍ରତିରୋଧ ନିମନ୍ତେ ବିଭିନ୍ନ ୱାର୍ଡରେ କରାଯାଉଥିବା ଜନସେଚତନତା କାର୍ଯ୍ୟକ୍ରମ ଗୁଡିକୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ପ୍ରତ୍ୟେକ ୱାର୍ଡକୁ ଆବଶ୍ୟକୀୟ ପରିମାଣର ବ୍ଲିଚିଂଙ୍ଗ ପାଉଡର ଯୋଗାଇ ଦେବା  ନିମନ୍ତେ  କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।
- ନିଗମର ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା  ନିୟମିତ ଭାବେ ପ୍ରତ୍ୟେକ ୱାର୍ଡର ପରିମଳ ତଥା ଆବର୍ଜନା ପରିବହନ କାର୍ଯ୍ୟ ଗୁଡିକ ତଦାରକ ବ୍ୟବସ୍ଥାକୁ କଡାକଡି କରାଯିବାକୁ ପ୍ରସ୍ତାବ ଦେଇଥିଲେ।

## ସୁଶ୍ରୀ ରଞ୍ଜିତା ବିଶ୍ୱାଳ , କର୍ପୋରେଟର, ୱାର୍ଡ ନଂ-୦୭  :

- ୱାର୍ଡର ବିଭିନ୍ନ ବୈଦ୍ୟୁତିକ କାର୍ଯ୍ୟକୁ ସଠିକ ଭାବେ ଦାୟିତ୍ୱରେ ରହିଥିବା କନିଷ୍ଠ ଯନ୍ତ୍ରୀଙ୍କ ଦ୍ୱାରା  ତଦାରକ କାରାଯାଉ ନଥିବାର ଅଭିଯୋଗ କରି, ଏହି କାର୍ଯ୍ୟ ଗୁଡିକ ସମ୍ପାଦନ ନିମନ୍ତେ  କର୍ପୋରେଟରଙ୍କ ପରାମର୍ଶ  ଗ୍ରହଣ  କରାଯାଉ ନଥିବା ମଧ ପ୍ରକାଶ କରିଥିଲେ।

- ❖ ବିଜୁ ଭବନ ନିମନ୍ତେ ନିୟୋଜିତ ସିକ୍ୟୁରିଟି ଗାର୍ଡମାନେ କର୍ପୋରେଟର ମାନଙ୍କୁ ଉପଯୁକ୍ତ ସମ୍ମାନ ପଦର୍ଶନ କରୁନଥିବାର ଅଭିଯୋଗ କରିବା ସଂଙ୍ଗେ ସଂଙ୍ଗେ କୌଣସି କାର୍ଯ୍ୟ ନିମନ୍ତେ କର୍ପୋରେଟରମାନେ ନିଗମର ବିଭିନ୍ନ ବିଭାଗକୁ ଗଲେ, ସମ୍ପୃକ୍ତ କର୍ମଚାରୀ ମାନେ ମଧ ଉପଯୁକ୍ତ ବ୍ୟବହାର ପଦର୍ଶନ କରୁନ୍ଥିବାର ଅଭିଯୋଗ କରିଥିଲେ।
- ❖ ନିଗମର ବୈଦ୍ୟୁତିକ, ସ୍ୱାସ୍ଥ୍ୟ ଏବଂ ପମ୍ପ ବିଭାଗରେ ଦାୟିତ୍ୱରେ ରହିଥିବା ଅଧିକାରୀ ତଥା କର୍ମଚାରୀମାନେ ଟେଲିଫୋନ ମାଧମରେ ଅଭିଯୋଗ ଗୁଡିକ ମଧ ଗ୍ରହଣ କରୁନ୍ଥିବାରୁ, ଏଦିଗରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

**<u>ଶ୍ରୀଯୁକ୍ତା ରାଜ କୁମାରୀ ସାଇ , କର୍ପୋରେଟର, ୱାର୍ଡ ନଂ-୫୮ :</u>**

- ❖ କାଉନସିଲ ବୈଠକକୁ CDPO ମାନଙ୍କୁ ଡକାଯାଇ ବୈଠକରେ ସେମାନଙ୍କ ସହ ଆଲୋଚନା କରାଯିବାକୁ ପୂର୍ବରୁ ସ୍ଥିର କରଯାଇଥିବା ଦୃଷ୍ଟିରୁ, ଏ ପ୍ରସଙ୍ଗରେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

**ବିଭିନ୍ନ ଲାଇନ ଡିର୍ପାଟମେଣ୍ଟର ଅଧିକାରୀମାନଙ୍କୁ ପ୍ରଥମେ ସମ୍ପୃକ୍ତ ଷ୍ଟାଣ୍ଡିଙ୍ଗ କମିଟି ବୈଠକକୁ ଡକାଯାଇ, ପ୍ରାଥମିକ ପ୍ରର୍ଯ୍ୟାୟରେ ସେମାନଙ୍କ ସହ ଆଲୋଚନା କରାଯିବାକୁ ସ୍ଥିର କରାଯାଇଥିବା କମିଶନର ପ୍ରକାଶ କରିଥିଲେ ।**

- ❖ ବିଭିନ୍ନ ୱାର୍ଡ ମଧରେ ରହିଥିବା ଅଙ୍ଗନୱାଡି ଏବଂ ଏଗୁଡିକର ସଠିକ୍ ପରିଚାଳନା ଦିଗରେ ସମସ୍ୟା ଗୁଡିକ ସଂପର୍କରେ ଆଲୋଚନା କରାଯିବାକୁ ସେ ମଧ ପ୍ରସ୍ତାବ ଦେଇଥିଲେ। ସେ ମଧ ସମସ୍ତ କର୍ପୋରେଟର ମାନଙ୍କୁ ସମ୍ପୃକ୍ତ ୱାର୍ଡର ଅଙ୍ଗନ ୱାଡି ସଂର୍ପକରେ ସୂଚନା ପ୍ରଦାନ କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଙ୍ଗନୱାଡି ଗୁଡିକର ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ବିଭିନ୍ନ ଅଭିଯୋଗ ପ୍ରାପ୍ତ ହେଉଥିବାରୁ, ଯଥାଶିଘ୍ର CDPO ମାନଙ୍କ ସହ ଏକ ସ୍ୱତନ୍ତ୍ର ବୈଠକ ଡକାଯିବାକୁ ପରାମର୍ଶ ଦେଇଥିଲେ।

**<u>ଶ୍ରୀଯୁକ୍ତା ମମତା ବେହେରା , କର୍ପୋରେଟର, ୱାର୍ଡ ନଂ-୫୧ :</u>**

- ❖ ବର୍ଷା ଦିନରେ ୱାର୍ଡର ଅନେକ ଅଂଚଳ ଜଳମଗ୍ନ ଅବସ୍ଥାରେ ରହୁଥିବାରୁ, ଅତିରିକ୍ତ ପମ୍ପ ବ୍ୟବସ୍ଥା କରାଯିବାକୁ କମିଶନର ଦୃଷ୍ଟି ଆକର୍ଷଣ କରିଥିଲେ।
- ❖ ୱାର୍ଡ ମଧରେ ରହିଥିବା ଟ୍ରିଟ୍ମେଣ୍ଟ ପ୍ଲାଣ୍ଟରେ ନିୟୋଜିତ କର୍ମଚାରୀ ମାନେ ଦୀର୍ଘ ମାସଧରି ସେମାନଙ୍କର ମଜୁରୀ ପାଇ ପାରୁନ୍ଥିବାରୁ ଏ ଦିଗରେ ଯଥାଶିଘ୍ର କାର୍ଯ୍ୟାନୁଷ୍ଠାନ ନିମନ୍ତେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।
- ❖ ସେ ମଧ ୱାର୍ଡ ମଧରେ ରହିଥିବା ଏକମାତ୍ର ପାର୍କର ପୂର୍ନରୁଦ୍ଧାର କାର୍ଯ୍ୟ ସହ ଏହାର ରକ୍ଷଣା ବେକ୍ଷଣର ବ୍ୟବସ୍ଥା କରାଯିବାକୁ ମାନ୍ୟବର ମେୟରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।
- ❖ ୱାର୍ଡର ବେଲେଶ୍ୱର ଶିବ ମନ୍ଦିର ନିକଟରେ ପୂର୍ବରୁ ପ୍ରସ୍ତାବିତ ପୋଲ ନିର୍ମାଣକୁ ତ୍ୱରାନିତ କରାଯିବାକୁ କମିଶନର ତଥା ମାନ୍ୟବର ମେୟରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

**<u>ଶ୍ରୀଯୁକ୍ତ ନିରୋଦ ଚନ୍ଦ୍ର ପଣ୍ଡା , କର୍ପୋରେଟର, ୱାର୍ଡ ନଂ-୪୮ :</u>**

- ❖ ୱାର୍ଡ ମଧରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ କରାଯାଉଥିଲେ ମଧ ଦାୟିତ୍ୱରେ ରହିଥିବା କନିଷ୍ଠ ଯନ୍ତ୍ରୀ, ଏ ସମ୍ପର୍କରେ କୌଣସି ସୂଚନା ପ୍ରଦାନ କରୁନ୍ଥିବାରୁ ଏ ଦିଗରେ କାଯ୍ୟାନୁଷ୍ଠାନ ନିମନ୍ତେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।
- ❖ ପ୍ରତ୍ୟେକ ୱାର୍ଡ ନିମନ୍ତେ ଗ୍ରହଣ କରାଯାଇଥିବା ନିଷ୍ପତି ଅନୁଯାୟୀ, ପବ୍ଲିକ ୱାର୍କସ ଷ୍ଟାଣ୍ଡିଙ୍ଗ କମିଟି ମାଧମରେ ୧୫ଲକ୍ଷ ଟଙ୍କାର ବିଭିନ୍ନ ପ୍ରସ୍ତାବ ଆଗତ କରାଯାଇଥିଲେ ମଧ,୪୮ନମ୍ବର ୱାର୍ଡ ନିମନ୍ତେ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କ ଦ୍ୱାରା ଉଦ୍ଦେଶ୍ୟ ମୂଳକ ଭାବେ ମାତ୍ର ୧୧ଲକ୍ଷ ଟଙ୍କାର ପ୍ରସ୍ତାବ ଆଗତ କରାଯାଇଥିବାରୁ, ଏହାର ପ୍ରତିବାଦ କରିବା ସହ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କ ବିରୁଦ୍ଧରେ କାର୍ଯାନୁଷ୍ଠାନ ଦାବି କରିଥିଲେ।

**ଶ୍ରୀଯକ୍ତା ନମିତା ମଞ୍ଜରୀ ସାହୁ, କର୍ପୋରେଟର, ୱାର୍ଡ ନଂ-୩୪ :**

- ୱାର୍ଡର ଦାୟିତ୍ୱରେ ରହିଥିବା କନିଷ୍ଠ ଯନ୍ତ୍ରୀ ଏବଂ ସାନିଟାରୀ ଇନସ୍‌ପେକ୍ଟରର ମାନେ କୌଣସି କାର୍ଯ୍ୟରେ ସହଯୋଗ ପ୍ରଦାନ କରୁନଥିବାରୁ, ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।
- ୱାଡରେ ବିଭିନ୍ନ ଅଂଚଳର ରାସ୍ତା ଉପରେ ଦୀର୍ଘମାସଧରି ବାଲି,ଗୋଡି ଓ ମାଟି ଜମା କରାଯାଇଥିବାରୁ, ନିଗମର ଏନଫୋର୍ସମେଣ୍ଟ ସ୍କାର୍ଡ ଦ୍ୱାରା କାର୍ଯ୍ୟାନୁଷ୍ଠାନ ଏବଂ ଏହି କାର୍ଯ୍ୟରେ ଦାୟିତ୍ୱରେ ରହିଥିବା ଅଧିକାରୀଙ୍କ ଦ୍ୱାରା ଆବଶ୍ୟକୀୟ ପଦକ୍ଷେପ ନିମନ୍ତେ ଦୃଷ୍ଟି ଆକର୍ଷଣ କରିଥିଲେ।
- ୱାର୍ଡର ବିଭିନ୍ନ ସ୍ଥାନରେ ପଙ୍କ ଉଦ୍ଧାର କରାଯାଇଥିବା ମାଟି ଉଠାଯିବା ନିମନ୍ତେ ଗାଡିର ବ୍ୟବସ୍ଥା କରାଯିବା ଏବଂ ୱାର୍ଡର ବିଭିନ୍ନ ସମସ୍ୟା ସମ୍ପର୍କରେ କୌଣସି ଅଧିକାରୀ ଧ୍ୟାନ ଦେଉ ନଥିବାର ଅଭିଯୋଗ ମଧ କରିଥିଲେ।
- ବିଭିନ୍ନ ୱାର୍ଡର ଯୋଗ୍ୟ ବିବେଚିତ ଲୋକମାନଙ୍କ ନିମନ୍ତେ ନୂତନ ରେସନ କାର୍ଡ ପ୍ରଦାନ ସଂମ୍ପର୍କରେ ସ୍ପଷ୍ଟିକରଣ ପ୍ରଦାନ କରାଯିବାକୁ ଅନୁରୋଧ ମଧ କରିଥିଲେ।

**ଶ୍ରୀଯକ୍ତ ରଞ୍ଜନ କୁମାର ବିଶ୍ୱାଳ, ଅଧ୍ୟକ୍ଷ, ପବ୍ଲିକ ହେଲଥ ଷ୍ଟାଣ୍ଡିଙ୍ଗ କମିଟି :**

- ବୈଠକରେ ମାନ୍ୟବର ସଦସ୍ୟ/ସଦସ୍ୟାମାନେ ସେମାନଙ୍କର ୱାର୍ଡର ବିଭିନ୍ନ ସମସ୍ୟା ଗୁଡିକ ଲିଖିତ ଆକାରରେ ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେବା ସହ, ନିଗମର ନିଜସ୍ୱ ଆୟ ବୃଦ୍ଧି ଦିଗରେ ଗ୍ରହଣ କରାଯିବାକୁଥିବା ପଦକ୍ଷପ ଗୁଡିକ ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରାଯିବାକୁ ଅନୁରୋଧ କରିଥିଲେ।
- ନିଗମ ଅଂଚଳର ସମସ୍ତ ଗୃହ ଟିକସ ଆଦାୟ, ଦୋକାନଘର ଭଡା ଆଦାୟ ଓ ବିଭିନ୍ନ ଲାଇସେନ୍ସ ଫି ଆଦାୟର ତ୍ୱରାନିତ କରାଯିବା ନିମନ୍ତେ, କି ପଦକ୍ଷେପ ଗ୍ରହଣ କରାଯାଇ ପାରିବ ସେ ସମ୍ପର୍କରେ ବୈଠକରେ ଆଲୋଚନା କରାଯିବା ନିମନ୍ତେ ମଧ ପ୍ରସ୍ତାବ ଦେଇଥିଲେ।
- ସେ ମଧ କେତେକ କ୍ଷେତ୍ରରେ ନିଗମ ଦ୍ୱାରା ଖର୍ଚ୍ଚକାଟର ବ୍ୟବସ୍ଥା ଗ୍ରହଣ କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।
- ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ପ୍ରତି ଗୁରୁତ୍ୱ ପ୍ରଦାନ କରାଯିବା ସହ ୱାର୍ଡର ସୀମାରେଖା ତଥା ଜନସଂଖ୍ୟାକୁ ଦୃଷ୍ଟିରେ ରଖାଯାଇ, ଅତିରିକ୍ତ କର୍ମଚାରୀ ନିୟୋଜନର ବ୍ୟବସ୍ଥା କରାଯିବାକୁ ମଧ ଅନୁରୋଧ କରିଥିଲେ।
- ଡେଙ୍ଗୁ ରୋଗର ନିରାକରଣ ନିମନ୍ତେ ବର୍ତମାନ ସୁଦ୍ଧା ୨୨ଟି ୱାର୍ଡର ବିଭିନ୍ନ ଅଂଚଳରେ ସଚେତନତା କାର୍ଯ୍ୟକ୍ରମ ସଫଳ ଭାବେ କାର୍ଯ୍ୟକାରୀ କରାଯାଇ ପାରିଥିବାରୁ , ସେଥିପାଇଁ ସମ୍ପୃକ୍ତ କର୍ପୋରେଟର, ମାନ୍ୟବର ମେୟର , ଡେପୁଟି ମେୟର କମିଶନର , ଜିଲ୍ଲାପାଳ ତଥା ସମ୍ପୃକ୍ତ ୱାର୍ଡର ସ୍ୱାସ୍ଥ୍ୟ କର୍ମଚାରୀ ତଥା ଜନସାଧାରଣ ମାନଙ୍କୁ ଧନ୍ୟବାଦ ଅର୍ପଣ ସହ, ଏହି କାର୍ଯ୍ୟକ୍ରମକୁ ପର୍ଯ୍ୟାୟ କ୍ରମେ ଅନ୍ୟାନ ୱାର୍ଡମାନଙ୍କରେ ଅନ୍ତର୍ଭୁକ୍ତ କରାଯିବାକୁ ପ୍ରସ୍ତାବ ମଧ ଦେଇଥିଲେ।

**ଶ୍ରୀଯକ୍ତ ଜୟଦେବ ଜେନା, କର୍ପୋରେଟର, ୱାର୍ଡ ନଂ-୪୦ :**

- ଇତି ମଧରେ ନିଗମ ଅଂଚଳରେ ଇଦ୍‌ପର୍ବ ଏବଂ ରଥଯାତ୍ରା ପାଳନ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇ ସଫଳ ଭାବେ କାର୍ଯ୍ୟକାରୀ କରାଯାଇ ପାରିଥିବାରୁ , ସେଥିପାଇଁ କାଉନସିଲର ସଦସ୍ୟ/ସଦସ୍ୟା ତଥା ଦାୟିତ୍ୱରେ ରହିଥିବା ଅଧିକାରୀ ଏବଂ କର୍ମଚାରୀ ମାନଙ୍କ ସହଯୋଗ ନିମନ୍ତେ ଧନ୍ୟବାଦ ଜ୍ଞାପନ କରିଥିଲେ।
- ସେ ମଧ ଚଳିତ ଲଘୁଚାପ ଜନିତ ବର୍ଷା ସମୟରେ ନିଗମର ବିଭିନ୍ନ ଅଚଂଳରୁ ବର୍ଷାଜଳ ନିଷ୍କାସନ ନିମନ୍ତେ ଗ୍ରହଣ କରାଯାଇଥିବା ପଦକ୍ଷେପ ତଥା ନିର୍ବାଚିତ ପ୍ରତିନିଧି ଏବଂ ନିଗମର ଦାୟିତ୍ୱରେ ରହିଥିବା ଅଧିକାରୀ ଓ କର୍ମଚାରୀମାନଙ୍କ ଅକ୍ଲାନ୍ତ ପରିଶ୍ରମ ଏବଂ ମିଳିତ ଉଦ୍ୟମ ନିମନ୍ତେ ମଧ ଧନ୍ୟବାଦ ଜ୍ଞାପନ କରିଥିଲେ। ସେ ମଧ ଆଗାମୀ ଦିନରେ , ଏଭଳି ପରିସ୍ଥିତିର ମୁକାବିଲା ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ।
- ସେ ମଧ ବୈଠକରେ ବିଭିନ୍ନ ଷ୍ଟାଣ୍ଡିଙ୍ଗ କମିଟି ମାଧମରେ ଆଗତ କରାଯାଇଥିବା ବିଭିନ୍ନ ପ୍ରସ୍ତାବ ଗୁଡିକ ଅନୁମୋଦନ କରାଯିବାକୁ ପ୍ରସ୍ତାବ ମଧ ଦେଇଥିଲେ।

ଆଲୋଚନାରେ ଅଂଶ ଗ୍ରହଣ କରି, ବୈଠକରେ ଉପସ୍ଥାପନା କରାଯାଇଥିବା କାର୍ଯ୍ୟସୂଚୀ ଅନୁଯାୟୀ ପୂର୍ବ ବୈଠକର ବିବରଣୀ ଗୁଡିକ ଦୃଢୀକରଣ କରାଯିବାକୁ, କମିଶନର ସମସ୍ତ ସଦସ୍ୟ/ସଦସ୍ୟା ମାନଙ୍କୁ ଅନୁରୋଧ କରିଥିଲେ। ସେ ମଧ୍ୟ ପରବର୍ତ୍ତୀ କାଉନସିଲ ବୈଠକର କାର୍ଯ୍ୟସୂଚୀ ମଧ୍ୟରେ ପୂର୍ବ ବୈଠକ ବିବରଣୀର ACTION TAKEN REPORT ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ଦ୍ୱାରା ପ୍ରଦାନ କରାଯିବାକୁ ନର୍ଦ୍ଦେଶ ଦେଇଥିଲେ। ବୈଠକରେ ସଦସ୍ୟ/ସଦସ୍ୟା ମାନଙ୍କ ଦ୍ୱାରା ପ୍ରକାଶ ପାଉଥିବା ଉଦ୍‌ବେଗକୁ ଦୃଷ୍ଟିରେ ରଖାଯାଇ, ନିର୍ବାଚିତ ଲୋକ ପ୍ରତିନିଧିମାନଙ୍କ ପ୍ରତି ନିଗମର ବିଭିନ୍ନ ଅଧିକାରୀମାନଙ୍କ ଦାୟିତ୍ୱବୋଧ ସମ୍ପର୍କରେ ସମିକ୍ଷା କରାଯିବା ସହ ଉପଯୁକ୍ତ ପରାମର୍ଶ ପ୍ରଦାନ ନିମନ୍ତେ ପ୍ରତିଶୃତି ଦେଇଥିଲେ। ସେ ମଧ୍ୟ ଆସନ୍ତା ଏକ ସପ୍ତାହ ମଧ୍ୟରେ ନିଗମର କନିଷ୍ଠ ଯନ୍ତ୍ରୀ ମାନଙ୍କ ମଧ୍ୟରେ ୱାର୍ଡ ଗୁଡିକର ଆବଣ୍ଟନ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଉଥିବା ପ୍ରକାଶ କରିଥିଲେ। ସେ ମଧ୍ୟ ଅନୁମୋଦନ କରାଯାଇଥିବା ନିଗମର ବିଭିନ୍ନ ଚିଠା Bye-Law ଗୁଡିକର ନକଲ, ସମସ୍ତ କର୍ପୋରେଟରମାନଙ୍କୁ ପ୍ରଦାନ ନିମନ୍ତେ ପ୍ରତିଶୃତି ଦେଇଥିଲେ ଏବଂ ଅବଶିଷ୍ଟ ଚିଠା Bye-Lawଗୁଡିକ ସମ୍ପୃକ୍ତ ଷ୍ଟାଣ୍ଡିଙ୍ଗ କମିଟି ମାଧ୍ୟମରେ ଉପସ୍ଥାପନ କରାଯାଇ, କାଉନସିଲର ଅନୁମୋଦନ କ୍ରମେ ରାଜ୍ୟ ସରାକାରଙ୍କ ନିକଟକୁ ପଠାଯିବାକୁ ପ୍ରସ୍ତାବ ଦେଇଥିଲେ। ନିଗମର ନିଜସ୍ୱ ବିଭିନ୍ନ Assests ସମ୍ପର୍କରେ ସମ୍ପୃକ୍ତ ଷ୍ଟାଣ୍ଡିଙ୍ଗ କମିଟି ମାଧ୍ୟମରେ ସମସ୍ତ କର୍ପୋରେଟର ମାନଙ୍କ ଅବଗତ ନିମନ୍ତେ ପ୍ରଦାନ କରାଯିବାକୁ ସେ ମଧ୍ୟ ପ୍ରକାଶ କରିଥିଲେ। ବର୍ଷାଦିନ ନିମନ୍ତେ ନିୟୋଜିତ କରାଯାଇଥିବା ପମ୍ପ ଡ୍ରାଇଭରମାନଙ୍କର କାର୍ଯ୍ୟ ଅବଧିକୁ ଆସନ୍ତା ନଭେମ୍ବର ମାସ ପର୍ଯ୍ୟନ୍ତ ବୃଦ୍ଧି କରାଯିବା ନିମନ୍ତେ ସେ ମଧ୍ୟ ପ୍ରସ୍ତାବ ଦେଇଥିଲେ। ନିଗମର ବିଭିନ୍ନ ଅଂଚଳରେ ଭେଣ୍ଡିଙ୍ଗ ଜୋନ ସମ୍ପର୍କରେ ଯଥାଶିଘ୍ର ଜିଲ୍ଲାପାଳ, ତହସିଲଦାର, ସିଡିଏ କର୍ତ୍ତୃପକ୍ଷ ଏବଂ ପୋଲିସ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇ, ଏ ଦିଗରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସେ ମଧ୍ୟ ପ୍ରତିଶୃତି ଦେଇଥିଲେ। ନିଗମର ବିଭିନ୍ନ ଦିଗରେ ଖର୍ଚ୍ଚକାଟ ବ୍ୟବସ୍ଥା ପାଇଁ ପଦକ୍ଷେପ ନିମନ୍ତେ ଆଗତ ପ୍ରସ୍ତାବ ଗୁଡିକ ସମ୍ପୃକ୍ତ ଷ୍ଟାଣ୍ଡିଙ୍ଗ କମିଟି ମାଧ୍ୟମରେ ଉପସ୍ଥାପନା କରାଯାଇ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସେ ମଧ୍ୟ ପ୍ରସ୍ତାବ ଦେଇଥିଲେ।

ନିଗମ ଅଂଚଳରେ ଡେଙ୍ଗୁ ରୋଗର ପ୍ରତିହତ ନିମନ୍ତେ ସମସ୍ତଙ୍କ ମିଳିତ ସହଯୋଗରେ କରାଯାଉଥିବା ସଚେତନତା କାର୍ଯ୍ୟକ୍ରମ ଗୁଡିକୁ ସ୍ୱାଗତ କରିବା ସଙ୍ଗେ ସଂଗେ ଏହି ପ୍ରୟାସକୁ ଅବ୍ୟାହତ ରଖିବାକୁ ନିବେଦନ କରିଥିଲେ। ରାଜ୍ୟସରକାରଙ୍କ ନୂତନ ନିର୍ଦ୍ଦେଶନାମା ଅନୁଯାୟୀ ବିଭିନ୍ନ ଭତା ପ୍ରଦାନ ନିମନ୍ତେ ଉପଯୁକ୍ତ ହିତାଧିକାରୀ ଚୟନ ପକ୍ରୀୟା ସମ୍ପର୍କରେ ସମ୍ପୃକ୍ତ ଷ୍ଟାଣ୍ଡିଙ୍ଗ କମିଟି ମାଧ୍ୟମରେ ଆଲୋଚନା ଏବଂ ସମସ୍ତ ସଦସ୍ୟ/ସଦସ୍ୟା ମାନଙ୍କୁ ଅବଗତ କରଯିବାକୁ ସେ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ସେ ମଧ୍ୟ ପରୀକ୍ଷାମୂଳକ ଭାବେ ବିଭିନ୍ନ Disablitiy Pension ଗୁଡିକ ପ୍ରଥମ ପର୍ଯ୍ୟାୟରେ Online Transfer କରାଯିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଥିବା ପ୍ରକାଶ କରିଥିଲେ। ସଦସ୍ୟ/ସଦସ୍ୟାମାନଙ୍କ ଅନୁରୋଧ କ୍ରମେ ସଂମ୍ପୃକ୍ତ ୱାର୍ଡର ପରିସୀମା ନିର୍ଦ୍ଧାରଣ କରାଯାଇ ପ୍ରସ୍ତୁତ କରାଯାଇଥିବା ୱାର୍ଡ ମ୍ୟାପ୍ ସମ୍ପୃକ୍ତ କର୍ପୋରେଟର ମାନଙ୍କୁ ପ୍ରଦାନ କରାଯାଇଥିବା ସେ ମଧ୍ୟ ପ୍ରକାଶ କରିଥିଲେ। ନିଗମର ବିଭିନ୍ନ ଅଂଚଳରେ ବିଭିନ୍ନ ଟେଲିଫୋନ ଟାୱାର ତଥା Underground Cable ବିଛାଯିବା ନିମନ୍ତେ ସମ୍ପୃକ୍ତ ସଂସ୍ଥାମାନଙ୍କୁ ପ୍ରଦାନ କରାଯାଉଥିବା ଅନୁମତି ଅନୁଯାୟୀ , ସର୍ଭେକ୍ଷଣ ତଥା Enquiry କରାଯାଇ, ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ପଦକ୍ଷେପ ଗ୍ରହଣ କରାଯାଉଥିବା ସେ ମଧ୍ୟ ପ୍ରକାଶ କରିଥିଲେ ଏବଂ ଏ ସମ୍ପର୍କରେ ସମସ୍ତ ତଥ୍ୟ ସମସ୍ତ କର୍ପୋରେଟରମାନଙ୍କୁ ଅବଗତ କରାଯିବାକୁ ପ୍ରତିଶୃତି ପ୍ରଦାନ କରିଥିଲେ। ସି.ଡି.ଏ ଅଂଚଳରେ ଏକ ଡିସପେନସାରୀ ଖୋଲାଯିବା ନିମନ୍ତେ NUHM ର କାର୍ଯ୍ୟକ୍ରମ ମଧ୍ୟରେ ଅନ୍ତର୍ଭୁକ୍ତ କରାଯାଇଥିବା ସେ ମଧ୍ୟ ପ୍ରକାଶ କରିଥିଲେ। ନିଗମର ହରୀଣ ପାର୍କର ବର୍ତ୍ତମାନର ସ୍ଥିତି ସୁଧାର କରାଯାଇ ଏକ ନୂତନ ବିକଳ୍ପ ପାର୍କ ନିର୍ମାଣ ନିମନ୍ତେ ପ୍ରାୟ ୭କୋଟି ଟଙ୍କାର ଆବଶ୍ୟକ ରହିଥିବାରୁ ,ଏହି ପାଣ୍ଠିର ବ୍ୟବସ୍ଥା ନିମନ୍ତେ ଅନୁଧ୍ୟାନ କରାଯାଉଥିବା ସେ ପ୍ରକାଶ କରିଥିଲେ । ଗୃହ ଟିକସର ସଠିକ ଆକଳନ ଏବଂ ଏହାର ଆଦାୟକୁ ତ୍ୱରାନ୍ୱିତ କରାଯିବା ନିମନ୍ତେ ଏକ ସ୍କ୍ୱାର୍ଡ ଗଠନ କରାଯାଇଥିବା ପ୍ରକାଶ କରି, ବିଭିନ୍ନ ଦିଗରୁ ନିଗମର ନିଜସ୍ୱ ଆୟ ବୃଦ୍ଧି ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଉଥିବା ସେ ପ୍ରକାଶ କରିଥିଲେ।

**ସୁଶ୍ରୀ ଇତିଶ୍ରୀ ବେହେରା , କର୍ପୋରେଟର, ୱାର୍ଡ଼ ନଂ-୦୨ :**

❖ ୱାର୍ଡ ମଧ୍ୟରେ କର୍ପୋରେଟରଙ୍କ ବିନା ଅବଗତରେ ସମ୍ପୃକ୍ତ କମ୍ୟୁନିଟି ଅର୍ଗାନାଇଜର ବିଭିନ୍ନ ଭତା ବଣ୍ଟନ କରୁଥିବାର ଅଭିଯୋଗ କରି, ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ କମିଶନର ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

❖ ୱାର୍ଡର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ନିମନ୍ତେ ନିୟୋଜିତ କନିଷ୍ଠ ଯନ୍ତ୍ରୀ କୌଣସି କାର୍ଯ୍ୟରେ ସହଯୋଗ ପ୍ରଦାନ କରୁନଥିବାରୁ ଯଥାଶିଘ୍ର ଏକ ନୂତନ କନିଷ୍ଠ ଯନ୍ତ୍ରୀଙ୍କୁ ୱାର୍ଡର ଦାୟିତ୍ୱ ପ୍ରଦାନ କରଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

❖ ୱାର୍ଡର ୪ଜଣ ହିତାଧିକାରୀ ମାନଙ୍କର ଭତା ଆସନ୍ତା ୧୫ତାରିଖ ମଧ୍ୟରେ ନାକଚ ହୋଇଯିବାର ଆଶଙ୍କା ଦେଖା ଦେଇଥିବାରୁ, ଯଥାଶିଘ୍ର ଏ ଦିଗରେ ତଦନ୍ତ କରାଯାଇ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନିମନ୍ତେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ

ସଦସ୍ୟ ଶ୍ରୀଯୁକ୍ତ ବିଜୟ ଦଳେଇ, ୧୧ନମ୍ବର ୱାର୍ଡର ପ୍ରଦାନ କରାଯାଇଥିବା ମ୍ୟାପ ମଧ୍ୟରେ ୱାର୍ଡର ୩ଟି ଭୋଟ ବୁଥକୁ ଅନ୍ତର୍ଭୁକ୍ତ କରାଯାଇ ନଥିବାର ଅଭିଯୋଗ କରି, ଏଦିଗରେ ଯଥାଶିଘ୍ର କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ ।

ସଦସ୍ୟା ଶ୍ରୀମତୀ ଦିପାଳୀବାଳା ଭୂୟାଁ,୩୫ ନମ୍ବର ୱାର୍ଡର ବିଭିନ୍ନ ଅଂଚଳରେ ନୂତନଭାବେ କେତେକ ହୋଡିଙ୍ଗ ସ୍ଥାପନ କରଯାଇଥିବାରୁ ଉକ୍ତ ସଂସ୍ଥା ମାନଙ୍କର ନାମ, ସେମାନଙ୍କୁ ଅନୁମତି ପ୍ରଦାନ ଏବଂ ଲାଇସେନ୍ସ ଫି ଆଦାୟ ସମ୍ପର୍କରେ ସ୍ୱଷ୍ଟିକରଣ ପ୍ରଦାନ ନିମନ୍ତେ ଅନୁରୋଧ କରିଥିଲେ । ସେ ମଧ ସମ୍ପୃକ୍ତ ୱାର୍ଡ କର୍ପୋରେଟରମାନଙ୍କୁ ସେମାନଙ୍କ ଅଂଚଳରେ ପଦର୍ଶିତ ହେଉଥିବା ହୋଡିଙ୍ଗ ଗୁଡିକର ତଥ୍ୟ ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତା ପ୍ରଳୟା ବେହେରା, କର୍ପୋରେଟର, ୱାର୍ଡ଼ ନଂ-୪୭ :**

❖ ପବ୍ଲିକ ହେଲଥ ଷ୍ଟାଣ୍ଡିଙ୍ଗ କମିଟି ମାଧ୍ୟମରେ ଗ୍ରହଣ କରାଯାଇଥିବା ନିଷ୍ପତି ଅନୁଯାୟୀ, ପ୍ରତ୍ୟେକ ୱାର୍ଡକୁ ନିୟମିତ ବ୍ରୁଶ କଟର ଏବଂ କୁଲୀମାନେ ଯାଉନଥିବାର ଅଭିଯୋଗ କରି, ଏ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଅନୁରୋଧ କରିଥିଲେ ।

❖ ବିଭିନ୍ନ ୱାର୍ଡମାନଙ୍କରେ ଡେଙ୍ଗୁ ରୋଗର ସଚେତନତା କାର୍ଯ୍ୟକ୍ରମ ମଧ୍ୟରେ , ବିଭିନ୍ନ ପୋଖରୀ ଗୁଡିକର ଦଳସଫା କାର୍ଯ୍ୟକ୍ରମକୁ ଅନ୍ତର୍ଭୁକ୍ତ କରାଯିବାକୁ ପରାମର୍ଶ ଦେଇଥିଲେ ।

❖ ପୂର୍ବରୁ ଗ୍ରହଣ କରାଯାଇଥିବା ନିଷ୍ପତି ଅନୁଯାୟୀ ଯଥାଶିଘ୍ର ପ୍ରତ୍ୟେକ ୱାର୍ଡକୁ ନୂତନ ଡଷ୍ଟବିନ ପ୍ରଦାନ ସହ **NFCP** କାର୍ଯ୍ୟକ୍ରମ ମଧ୍ୟରେ ପ୍ରତ୍ୟେକ ୱାର୍ଡ ନିମନ୍ତେ ନିର୍ଦ୍ଧାରିତ ପରିମାଣର ମଶାତେଲ, ୱାର୍ଡର ପରିସୀମା ଅନୁଯାୟୀ ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ବୈଦ୍ୟୁତିକ ଲାଇନ ମରାମତି କାର୍ଯ୍ୟ ନିମନ୍ତେ ନିର୍ଦ୍ଦିଷ୍ଟ ଭାବେ ପ୍ରତ୍ୟକ ୱାର୍ଡ ନିମନ୍ତେ କାର୍ଯ୍ୟ ନିର୍ଘଣ୍ଟ ପ୍ରସ୍ତୁତ କରାଯାଇ, ସମ୍ପୃକ୍ତ କର୍ପୋରେଟର ମାନଙ୍କୁ ଅବଗତ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ସେ ମଧ ୱାର୍ଡକୁ ଯାଉଥିବା ବୈଦ୍ୟୁତିକ କର୍ମଚାରୀମାନେ ,ସମ୍ପୃକ୍ତ ୱାର୍ଡର କର୍ପୋରେଟର ମାନଙ୍କ ସହ ଯୋଗାଯୋଗ ରକ୍ଷା କରିବା ନିମନ୍ତେ ନିର୍ଦ୍ଦେଶ ପ୍ରଦାନ କରିବାକୁ ଅନୁରୋଧ କରିଥିଲେ ।

❖ ନଳକୂପ ଗୁଡିକର ମରାମତି କାର୍ଯ୍ୟ ନିମନ୍ତେ ନିୟୋଜିତ କର୍ମଚାରୀମାନେ ସେମାନଙ୍କ ଦ୍ୱାରା କରାଯାଉଥିବା କାର୍ଯ୍ୟ ସମ୍ପର୍କରେ ସମ୍ପୃକ୍ତ ୱାର୍ଡର କପୋରେଟରମାନଙ୍କୁ ନିୟମିତ ଅବଗତ କରିବାକୁ ପ୍ରସ୍ତାବ ମଧ ଦେଇଥିଲେ ।

❖ ହେଲଥ ଷ୍ଟାଣ୍ଡିଙ୍ଗ କମିଟି ବୈଠକରେ ସୁପାରିଶ କରାଯାଇଥିବା ପ୍ରସ୍ତାବ ଗୁଡିକ ଅନୁମୋଦନ କାରାଯାଇ, ଯଥାଶିଘ୍ର ସେଗୁଡିକ କାର୍ଯ୍ୟକାରୀ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

**ଶ୍ରୀଯୁକ୍ତ ହୃଷିକେଶ ପ୍ରଧାନ, କର୍ପୋରେଟର, ୱାର୍ଡ଼ ନଂ-୫୨ :**

❖ **NUHM** କାର୍ଯ୍ୟକ୍ରମ ମଧ୍ୟରେ ବିଭିନ୍ନ ଅଂଚଳରେ ନୂତନ **CHC** ଏବଂ **PHC** ସ୍ଥାପନ ନିମନ୍ତେ ସମ୍ପୃକ୍ତ କର୍ପୋରେଟର ମାନଙ୍କ ପରାମର୍ଶ ଅନୁଯାୟୀ, ଉପଯୁକ୍ତ ସ୍ଥାନ ନିରୁପଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ନିଗମର ଯେଉଁ ଅଂଚଳରେ ବର୍ତମାନ ଏହି ସୁବିଧା ନାହିଁ, ଅଗ୍ରାଧିକାର ଭିତିରେ ଉକ୍ତ ଅଂଚଳଗୁଡିକ ଏହି କାର୍ଯ୍ୟକ୍ରମ ମଧ୍ୟରେ ଅନ୍ତର୍ଭୁକ୍ତ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ସେ ମଧ ଚାଉଳିଆଗଞ୍ଜରେ ନିର୍ମାଣ କରାଯାଉଥିବା ଡିସ୍‌ପେନସାରୀକୁ **CHC** ଭାବରେ ଅନ୍ତର୍ଭୁକ୍ତ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ Polythine Ban Squad ଗଠନ ନିମନ୍ତେ ଆଗତ କରାଯାଇଥିବା ପ୍ରସ୍ତାବକୁ ସ୍ୱାଗତ କରି, ବାସ୍ତବ କ୍ଷେତ୍ରରେ ଏହି କାର୍ଯ୍ୟକ୍ରମର ସମ୍ପୂର୍ଣ୍ଣ ସଫଳତା ଦିଗରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ।

❖ ବିଭିନ୍ନ Private Agency ମାନେ ସ୍ଲଜ ପମ୍ପଗୁଡିକର ଆବଶ୍ୟକତା ଅନୁଯାୟୀ ଠିକ ସମୟରେ ସ୍ଲଜ ପମ୍ପଗୁଡିକ ଯୋଗାଇ ଦେବାରେ ଅବହେଳା ପ୍ରଦର୍ଶନ କରୁଥିବାରୁ, ନିଗମର ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଏ ଦିଗରେ ଉପଯୁକ୍ତ ପଦକ୍ଷେପ ନିମନ୍ତେ ପରାମର୍ଶ ଦେଇଥିଲେ।

❖ ନିଗମର ବିଭିନ୍ନ ଅଂଚଳ ନିମନ୍ତେ Bobacatର ଯଥେଷ୍ଟ ଆବଶ୍ୟକତା ରହିଥିବାରୁ , Excavator ପରିବର୍ତ୍ତେ Bobacat ସଂଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ।

**NUHM କାର୍ଯ୍ୟକ୍ରମ ସମ୍ପର୍କରେ ସ୍ପଷ୍ଟିକରଣ ପ୍ରଦାନ କରି କମିଶନର କହିଥିଲେ CHC ଏବଂ PHC ନିର୍ମାଣ ନିମନ୍ତେ State Level Teamଙ୍କ ମାଧ୍ୟମରେ ଉପଯୁକ୍ତ ସ୍ଥାନ ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରାଯାଇଅଛି। ନିଗମର ଯେଉଁ ଅଂଚଳରେ ଉପଯୁକ୍ତ ସ୍ଥାନ ରହିଥିବ ଏବଂ ଯେଉଁ ଅଂଚଳରେ ବର୍ତ୍ତମାନ ନିମନ୍ତେ PHC ସୁବିଧା ନାହିଁ , ସେହି ଅଂଚଳ ଗୁଡିକ ଅଗ୍ରାଧିକାର ପ୍ରଦାନ କରାଯାଇ, ଚିହ୍ନଟ ପ୍ରକ୍ରିୟା ଦ୍ୱାରାନିତ କରାଯିବ। ନିଗମର ବିଭିନ୍ନ ସ୍ଥାନରେ ପଙ୍କ ଉଦ୍ଧାର କାର୍ଯ୍ୟରେ ସହାୟତା ନିମନ୍ତେ Level Tyre Mounted Excavator ସଂଗ୍ରହଣର ଆବଶ୍ୟକତା ରହିଥିବାରୁ ଏବଂ ବିଭିନ୍ନ ଅଂଚଳର ଅଣଓସାରିଆ ରାସ୍ତା ମଧ୍ୟରେ ଯାତାୟତ ନିମନ୍ତେ ଏକ ଛୋଟ ସ୍ଲଜ ପମ୍ପର ଆବଶ୍ୟକତା ରହିଥିବାରୁ, ଏ ଗୁଡିକର ସଂଗ୍ରହଣ ନିମନ୍ତେ ପ୍ରସ୍ତାବ ଆଗତ କରାଯାଇଥିବା ସେ ପ୍ରକାଶ କରିଥିଲେ।**

### ଶ୍ରୀଯୁକ୍ତ ଜୟଦେବ ଜେନା, କର୍ପୋରେଟର, ୱାର୍ଡ଼ ନଂ-୪୦ :

❖ ସ୍ଲଜ୍ ପମ୍ପ ଗୁଡିକ ନିମନ୍ତେ ଆବଶ୍ୟକ ହେଉଥିବା ଅଧିକ ଲମ୍ବର ପାଇପ ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ।

❖ ବିଭିନ୍ନ ସମୟରେ କର୍ପୋରେଟର ମାନଙ୍କ ଦୃଷ୍ଟିକୁ ଅଣାଯାଉଥିବା ପରିମଳ ସମସ୍ୟା ଗୁଡିକ ପ୍ରତି ଅଗ୍ରାଧିକାର ପ୍ରଦାନ କରାଯାଇ, ସେ ଗୁଡିକର ସମାଧାନ ଦିଗରେ ଧ୍ୟାନ ଦେବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

❖ ଯୋବ୍ରା ନଦୀକୂଳ ସାହି ଶୌଚାଳୟର ଆବଶ୍ୟକୀୟ ମରାମତି କାର୍ଯ୍ୟକୁ ଅଗ୍ରାଧିକାର ପ୍ରଦାନ କରାଯିବାକୁ ସେ ମଧ୍ୟ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

❖ ଘୋରୋଇକରଣ କରାଯାଇଥିବା ୱାର୍ଡମାନଙ୍କର ପରିମଳ ବ୍ୟବସ୍ଥା ନିମନ୍ତେ ନିୟୋଜିତ ସଂସ୍ଥାଙ୍କ ଦ୍ୱାରା ଆବଶ୍ୟକ ସଂଖ୍ୟକ କର୍ମଚାରୀ ମୁତୟନ କରାଯାଇ ନଥିବାରୁ, ଅଧିକାଂଶ ୱାର୍ଡର ପରିମଳ ବ୍ୟବସ୍ଥା ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରହିଥିବାର ଅଭିଯୋଗ କରିଥିଲେ।

❖ ନିଗମର ଆମ୍ବୁଲାନ୍ସ ସେବା ଏବଂ ଶବ ବାହକ ଗାଡି ସେବାରେ ଉନ୍ନତି ଅଣାଯାଇ, ଜନସାଧାରଣ ମାନଙ୍କ ଅବଗତ ନିମନ୍ତେ ଏହି ସେବାର ପ୍ରଚାର ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ।

❖ କୁକୁର ବନ୍ଧ୍ୟାକରଣ ଯୋଜନାକୁ ସଠିକ ଭାବେ କାର୍ଯ୍ୟକାରୀ କରାଯିବାକୁ ସେ ମଧ୍ୟ କମଶିନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

### ଶ୍ରୀଯୁକ୍ତ ହେମନ୍ତ କୁମାର ବେହେରା , କର୍ପୋରେଟର, ୱାର୍ଡ଼ ନଂ-୪୧ :

❖ ୱାର୍ଡ ମଧ୍ୟରେ ରହିଥିବା ସମସ୍ତ ସୁଲଭ ଶୌଚାଳୟ ନିମନ୍ତେ ନିୟୋଜିତ କର୍ମଚାରୀମାନେ ଦାୟିତ୍ୱରେ ରହିଥିବା ସଂସ୍ଥାଙ୍କ ମାଧ୍ୟମରେ ଦୀର୍ଘମାସ ଧରି ସେମାନଙ୍କର ମଜୁରୀ ପାଇନଥିବାରୁ ଏଦିଗରେ କାର୍ଯ୍ୟାନୁଷ୍ଠାନ ତଥା ଏହି ଶୌଚାଳୟ ଗୁଡିକର ଉପଯୁକ୍ତ ରକ୍ଷଣା ବେକ୍ଷଣ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

୪୬ନମ୍ବର ୱାର୍ଡ ମଧ୍ୟରେ ରହିଥିବା ଶୌଚାଳୟରେ ମଧ୍ୟ ଏହି ସମସ୍ୟା ରହିଥିବାରୁ, ଏହାର ଉପଯୁକ୍ତ ରକ୍ଷଣା ବେକ୍ଷଣ ନିମନ୍ତେ ଦାୟିତ୍ୱରେ ରହିଥିବା ସଂସ୍ଥାକୁ ନିର୍ଦ୍ଦେଶ ପ୍ରଦାନ ସହ ଏହାକୁ Pay Toilet କରାଯିବାକୁ ସଦସ୍ୟା ଶ୍ରୀମତୀ ପ୍ରଳୟ ବେଉରା ପ୍ରସ୍ତାବ ଦେଇଥିଲେ।

**ନିଗମର ଅଧିକାଂଶ ୱାର୍ଡ ମଧ୍ୟରେ ରହିଥିବା ଶୁଲଭ ଶୌଚାଳୟ ଗୁଡିକରେ ଏହି ସମସ୍ୟା ରହିଥିବାରୁ, ଏହାର ଉପଯୁକ୍ତ ତଦନ୍ତ କରାଯାଇ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ କମିଶନର ପ୍ରତିଶ୍ରୁତି ପ୍ରଦାନ କରିଥିଲେ ।**

## ଶ୍ରୀଯୁକ୍ତା ଚାରୁଲତା ସାହୁ, କର୍ପୋରେଟର, ୱାର୍ଡ଼ ନଂ-୧୯ :

- ପୂର୍ବରୁ ଗ୍ରହଣ କରାଯାଇଥିବା ନିଷ୍ପତି ଅନୁଯାୟୀ ପ୍ରଥମ ପ୍ରର୍ଯ୍ୟାୟରେ କୌଣସି କୁଲୀ ୱାର୍ଡ ନିମନ୍ତେ ନିୟୋଚନ କରାଯାଇ ନଥିବାରୁ ଏ ଦିଗରେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।
- ସେହିପରି ୱାର୍ଡର ନାଳ ଖୋଲା କାର୍ଯ୍ୟ ଏବଂ ବୁଶ କଟିଙ୍ଗ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବାରୁ , ଏହି କାର୍ଯ୍ୟ ନିମନ୍ତେ ଲିଖିତ ଅଭିଯୋଗ ପ୍ରଦାନ କରାଯାଇଥିଲେ ମଧ ବର୍ତମାନ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବାରୁ, ଏ ଦିଗରେ ବିହିତ ପଦକ୍ଷେପ ନିମନ୍ତେ କମିଶନର ଏବଂ ସ୍ୱାସ୍ଥ୍ୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଓ ଆସନ୍ତା ଏକ ମାସ ନିମନ୍ତେ ଅତିରିକ୍ତ କୁଲୀର ବ୍ୟବସ୍ଥା କରାଯିବାକୁ ଅନୁରୋଧ କରିଥିଲେ।

**ସର୍ଭିସ ପ୍ରୋଭାଇଡରଙ୍କ ମାଧମରେ ଆବଶ୍ୟକ ସଂଖ୍ୟକ କୁଲୀ ଠିକ ସମୟରେ ଯୋଗାଇବା ସମ୍ଭବପର ହେଉନଥିବାରୁ କେତେକ ୱାର୍ଡମଧ୍ୟରେ ଦୃଷ୍ଟିକୁ ଆସିଥିବା ସମସ୍ୟାର ସମାଧାନ ନିମନ୍ତେ ପବ୍ଲିକ ହେଲଥ ଷ୍ଟାଣ୍ଡିଙ୍ଗ କମିଟି ବୈଠକରେ ଆଲୋଚନା କରାଯାଇ, ଆବଶ୍ୟକ ସଂଖ୍ୟକ ଅତିରିକ୍ତ କୁଲୀ ଏବଂ କ୍ରଶ କଟରର ବ୍ୟବସ୍ଥା କରାଯିବାକୁ କମିଶନର ପ୍ରକାଶ କରିଥିଲେ।**

## ଶ୍ରୀଯୁକ୍ତା ରଞ୍ଜିତା ବିଶ୍ୱାଳ, କର୍ପୋରେଟର, ୱାର୍ଡ଼ ନଂ-୦୭ :

- ୱାର୍ଡର ଦେଉଳ ସାହିରେ ଅତ୍ୟନ୍ତ ପରିତକ୍ତ ଅବସ୍ଥାରେ ରହିଥିବା ସରକାରୀ ଜମି(ଖାତା ନଂ. ୩୫୪,ପ୍ଲଟ ନଂ୪୮୮, ଥାନା-ବିଡାନାସୀ ନଂ-୮,ଏରିଆ-ଏ.୦.୧୫୮ଡିସିମିଲ) ର ଆବଶ୍ୟକୀୟ ପୁର୍ନରୁଦ୍ଧାର କାର୍ଯ୍ୟ କରାଯାଇ, ୱାର୍ଡ ମଧ୍ୟରେ ଭଡାଘରେ ଚାଲୁଥିବା ହୋମିଓ ପ୍ୟାଥିକ ଡିସପେନସାରୀ ନିମନ୍ତେ ଏକ ଛୋଟ ଘର ନିର୍ମାଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବକୁ ନିଗମର ସର୍ଭେ ତଥା ଯନ୍ତ୍ରୀ ବିଭାଗ ଦ୍ୱାରା ଅନୁଧାନ କରାଯିବାକୁ, କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

୨୮ନମ୍ବର ୱାର୍ଡ ମଧ୍ୟରେ ରହିଥିବା ପମ୍ପହାଉସର ଟଏଲେଟ ମରାମତି କରାଯିବାକୁ ସଦସ୍ୟା ଶ୍ରୀଯୁକ୍ତା ବୈଶାଳୀ ବେହେରା , କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## ଶ୍ରୀଯୁକ୍ତ ରମଜାନ ଖାନ୍, କର୍ପୋରେଟର, ୱାର୍ଡ଼ ନଂ-୧୬ :

- ବୈଠକରେ ସଦସ୍ୟ/ସଦସ୍ୟାମାନେ ବିଭିନ୍ନ ପ୍ରସଙ୍ଗରେ ୱାର୍ଡର ସମସ୍ୟା ଗୁହିକ ଉପସ୍ଥାପନ ନକରି, ଲିଖିତ ଭାବରେ ପ୍ରଦାନ କଲେ, ସେ ସମସ୍ୟା ଗୁଡିକ ସମ୍ପୃକ୍ତ ଷ୍ଟାଣ୍ଡିଙ୍ଗ କମିଟି ମାଧମରେ ଆଲୋଚନା କରାଯାଇ, ସମାଧାନର ପନ୍ଥା ନିର୍ଦ୍ଧାରଣ କରାଯିବାକୁ ପରାମର୍ଶ ଦେଇଥିଲେ।
- ନିଗମର ବିଭିନ୍ନ ଅଂଚଳରେ ପରିବେଶର ସୁରକ୍ଷା ନିମନ୍ତେ, ଯଥାଶିଘ୍ର ଉପଯୁକ୍ତ ସ୍ଥାନ ଚୟନ କରାଯାଇ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ସହ ଆବଶ୍ୟକ ସଂଖ୍ୟକ Tree Guard ସଂଗ୍ରହଣର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ।
- ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ସମ୍ପର୍କରେ ନିଗମର ସମସ୍ତ ୱାର୍ଡମାନଙ୍କରେ ଅନେକ ସମସ୍ୟା ଲାଗି ରହିଥିବାରୁ, ଏହି ସମସ୍ୟା ଗୁଡିକ ସମ୍ପର୍କରେ ବିସ୍ତୃତ ଆଲୋଚନା ଏବଂ ସମାଧାନର ପନ୍ଥା ନିର୍ଦ୍ଧାରଣ କରାଯିବାକୁ କାଉନସିଲର ଏକ ସ୍ୱତନ୍ତ୍ର ବୈଠକ ଆୟୋଜିତ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ।

## ଶ୍ରୀଯୁକ୍ତା ଅନିତା ନାୟକ, କର୍ପୋରେଟର, ୱାର୍ଡ଼ ନଂ-୨୨ :

- ଗତ ମାସରେ ୱାର୍ଡର ବିଭିନ୍ନ ସ୍ଥାନରେ ବୁଶ କଟିଙ୍ଗ ନିମନ୍ତେ ନିୟୋଜିତ ହୋଇଥିବା କର୍ମଚାରୀମାନେ ସେମାନଙ୍କର ଦୈନିକ ମଜୁରୀ ପାଇନ୍ଥିବାରୁ ଏ ଦିଗରେ ପଦକ୍ଷେପ ନିମନ୍ତେ କମିଶନରଙ୍କ ଆକର୍ଷଣ କରିଥିଲେ।
- ୱାର୍ଡର ମହାନ୍ତି ଲେନର ବରାହି ମନ୍ଦିର ଗଳୀ ମଧ୍ୟରେ ରହିଥିବା ଡ୍ରେନ ଅବରୋଧ କରାଯାଇ ହ୍ୟୁମ ପାଇପ ତଥା ବାଲି ଗୋଡି ଜମା କରାଯାଇଥିବାରୁ , ଏ ଦିଗର କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି କରିଥିଲେ।

- ୱାର୍ଡର ମକରବା ସାହି, ଧୋବି ଲେନ ଓ ମଙ୍ଗରାଜ କଲୋନୀ ଅଂଚଳରେ ବର୍ଷାଜଳ ନିଷ୍କାସନ ନିମନ୍ତେ ନିଗମର ଯନ୍ତ୍ରୀ ବିଭାଗ ଦ୍ୱାରା ଅନୁଧାନ କରଯାଇ, ସ୍ଥାୟୀ ପ୍ରତିକାରର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ।
- ନିଗମ ଅଧିନରେ ପରିତକ୍ତ ଅବସ୍ଥାରେ ରହିଥିବା ଭଗତ ହଷ୍ଟେଲର ପୁର୍ନରୁଦ୍ଧାର କାର୍ଯ୍ୟ କରାଯାଇ, ଏହି ହଷ୍ଟେଲର ସୁବିନିଯୋଗ ସହ ନିଗମର ନିଜସ୍ୱ ଆୟବୃଦ୍ଧି କରାଯିବାକୁ ପ୍ରସ୍ତାବ ଦେଇଥିଲେ।
- NFCP କାର୍ଯ୍ୟକ୍ରମ ମାଧମରେ ପ୍ରତ୍ୟେକ ୱାର୍ଡ ନିମନ୍ତେ ପ୍ରଦାନ କରାଯାଉଥିବା ମଶାତେଲ ସମ୍ପର୍କରେ ସମ୍ପୃକ୍ତ କର୍ପୋରେଟର ମାନଙ୍କୁ ସପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯିବାକୁ ପ୍ରସ୍ତାବ ମଧ୍ୟ ଦେଇଥିଲେ।
- ସେ ମଧ ପ୍ରସ୍ତାବିତ ଗୋରାକବର ପୁର୍ନରୁଦ୍ଧାର କାର୍ଯ୍ୟକୁ ତ୍ୱରାନିତ କରାଯିବାକୁ, କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

**ଶ୍ରୀଯୁକ୍ତ ହେମନ୍ତ କୁମାର ବେହେରା, କର୍ପୋରେଟର, ୱାର୍ଡ଼ ନଂ-୪୧ :**

- ଯୋବ୍ରା ସ୍ଲୁଇସ୍ ଗେଟର ଆବଶ୍ୟକୀୟ ମରାମତିର କାର୍ଯ୍ୟ ସହ ଅପରେଟର ମାନଙ୍କ ରହିବା ନିମନ୍ତେ ସେଠାରେ ଏକ ଘର ନିର୍ମାଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ। ବର୍ଷା ଦିନରେ ଜଳ ନିଷ୍କାସନ ବ୍ୟବସ୍ଥା ନିମନ୍ତେ ଜାଇକା କର୍ତ୍ତୁପକ୍ଷଙ୍କୁ ଏହି ସ୍ଲୁଇସ୍ ଗେଟ ହସ୍ତାନ୍ତର କରାଯିବାକୁ ମଧ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥଲେ।
- ନିର୍ଦ୍ଧିଷ୍ଟ ଭାବେ ୱାର୍ଡର କନିଷ୍ଠ ଯନ୍ତ୍ରୀଙ୍କୁ ଏହି ସ୍ଲୁଇଜ ଗେଟର ରକ୍ଷଣା ବେକ୍ଷଣ ଦାୟିତ୍ୱ ପ୍ରଦାନ କରାଯିବାକୁ ମଧ ପସ୍ତାବ ଦେଇଥିଲେ।

**ଶ୍ରୀଯୁକ୍ତ ଚିରଞ୍ଜୀୟ ସାହୁ,ଅଧକ୍ଷ,ପବ୍ଲିକ ୱାର୍କସ ଷ୍ଟାଣ୍ଡିଙ୍ଗ କମିଟି :**

- ନିଗମର ସ୍ୱାସ୍ଥ୍ୟ ଏବଂ ଯନ୍ତ୍ରୀ ବିଭାଗ ଗୁଡିକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଭାଗ ହୋଇଥିବାରୁ , ଜନସାଧାରଣ ମାନଙ୍କର ବିଭିନ୍ନ ମୌଳିକ ସମସ୍ୟା ଗୁଡିକର ସମାଧାନ ନିମନ୍ତେ, ସଦସ୍ୟ ସଦସ୍ୟାମାନେ ଉପସ୍ଥାପନ କରୁଥିବା ପ୍ରସ୍ତାବ ଗୁଡିକ, ଗୁରୁତ୍ୱର ସହ ଅନୁଧାନ କରାଯାଇ ଯଥାଶିଘ୍ର ସମସ୍ୟା ଗୁଡିକରେ ସମାଧାନ ଦିଗରେ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବାକୁ, କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।
- ବୈଠକରେ ସମୟ ସୀମା ନିର୍ଦ୍ଧାରଣ କରାଯାଇ ସମସ୍ତ ସଦସ୍ୟ/ସଦସ୍ୟା ମାନଙ୍କୁ ସେମାନଙ୍କର ସମସ୍ୟା ତଥା ପ୍ରସ୍ତାବ ମାନ ଉପସ୍ଥାପନ କରିବା ନିମନ୍ତେ ସୁଯୋଗ ପ୍ରଦାନ କରିବାକୁ ମାନ୍ୟବର ମେୟର ତଥା ଅଧକ୍ଷାଙ୍କ ଦୃଷ୍ଟି ଆକର୍ଷଣ କରିଥଲେ।
- ପାର୍ବଣ ସମୟରେ ବିଭିନ୍ନ ୱାର୍ଡ ମାନଙ୍କରେ ବୈଦ୍ୟୁତିକ ଆଲୋକ ଏକ ମୁଖ୍ୟ ସମସ୍ୟା ହୋଇଥିବାରୁ , ଯଥାଶିଘ୍ର ବୈଦ୍ୟୁତିକ ସରଞ୍ଜାମ ଗୁଡିକ ସଂଗ୍ରହଣ କରାଯାଇ, ପ୍ରତ୍ୟେକ ୱାର୍ଡର ଲାଇଟ ଗୁଡିକ ଯୁଦ୍ଧକାଳୀନ ଭିତିରେ ମରାମତିର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ।
- ନିଗମର ନିଜସ୍ୱ ଆୟ ବୃଦ୍ଧି ନିମନ୍ତେ, ନିଗମ ଅଂଚଳରେ ରହିଥିବା ଗୃହ ଟିକସର ପ୍ରକୃତ ଆକଳନ କରାଯାଇ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ମାନଙ୍କଠାରୁ Commercial ହାରରେ Holding Tax ଆଦାୟ କରାଯିବାକୁ ପ୍ରସ୍ତାବ ଦେଇଥିଲେ।
- ଯେଉଁ ଗୃହ ଉପରେ Telephone Tower ସ୍ଥାପନ କରାଯାଇଛି ତଥା ହୋଡିଙ୍ଗ ପଦର୍ଶନ କରାଯାଉଛି, ଉକ୍ତ ଗୃହର Holding Tax Commercial ହାରରେ ଆକଳନ କରାଯିବାକୁ ପ୍ରସ୍ତାବ ଦେଇଥିଲେ।
- ନିଗମର ବିଭିନ୍ନ ଅଂଚଳରେ ବିଭିନ୍ନ ସଂସ୍ଥା ନିଗମର ବିନା ଅନୁମତିରେ ହୋଡିଙ୍ଗ ଗୁଡିକ ସ୍ଥାପନ କରିଥିବାରୁ, ଯଥାଶିଘ୍ର ଏଗୁଡିକର ସର୍ଭେ କରାଯାଇ, ସମ୍ପୃକ୍ତ ସଂସ୍ଥା ମାନଙ୍କ ସହ ନିୟମାନୁଯାୟୀ ଚୁକ୍ତିନାମା ସ୍ୱାକ୍ଷର ସହ, ବିଜ୍ଞାପନ ପଦର୍ଶନ ନିମେନ୍ତ ଅନୁମତି ଏବଂ ବକେୟା ରହିଥିବା ଲାଇସେନ୍ସ ଫି ଆଦାୟ ନିମନ୍ତେ ଯଥାଶିଘ୍ର କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବାକୁ ପରାମର୍ଶ ଦେଇଥିଲେ। ବିଭିନ୍ନ ୱାର୍ଡରେ ସ୍ଥାପନ କରାଯାଇଥିବା ହୋଡିଙ୍ଗସ୍ ଗୁଡିକର ତାଲିକା ସମ୍ପୃକ୍ତ କର୍ପୋରେଟରମାନଙ୍କ ଅବଗତ ନିମନ୍ତେ ପ୍ରଦାନ କରାଯିବାକୁ ସେ ମଧ ପ୍ରସ୍ତାବ ଦେଇଥିଲେ ।
- ବିଭିନ୍ନ ମାର୍କେଟ କମ୍ପ୍ଲେକ୍ସ ମଧରେ ରହିଥିବା କେତେକ ଦୋକାନ ଗୃହ ବର୍ତମାନ ଜବର ଦଖଲରେ ରହିଥିବା ଦୃଷ୍ଟିକୁ ଆସିଥିବାରୁ ଯଥାଶିଘ୍ର ଏଗୁଡିକର ଉଚ୍ଛେଦ ସହ, ଜଣକ ନାମରେ ଏକାଧିକ ଦୋକାନ ଗୃହ ରହିଥିବା ଗୃହ ଗୁଡିକ ନାକଚ କରାଯିବାକୁ ପ୍ରସ୍ତାବ ଦେଇଥିଲେ। ସେ ମଧ ଯଥାଶିଘ୍ର ସମ୍ପୃକ୍ତ ଦୋକାନ ଗୃହୀତା ମାନଙ୍କୁ ନୋଟିସ ପ୍ରଦାନ କରି, ବକେୟା ରହିଥିବା ଦୋକାନ ଗୃହ ଭଡା ଆଦାୟ ନିମନ୍ତେ ପଦକ୍ଷେପ ନେବାକୁ, କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

❖ ନିଗମର ବିଭିନ୍ନ ଅଂଚଳରେ ରହିଥିବା ନିଜସ୍ୱ ଜମି ଗୁଡିକ ଚିହ୍ନଟ ତଥା ସର୍ଭେ କରାଯାଇ, ପ୍ରକୃତ ତଥ୍ୟ ସମସ୍ତ କର୍ପୋରେଟର ମାନଙ୍କ ଅବଗତ ନିମନ୍ତେ ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ନିଗମ ଅଂଚଳରେ ବିଭିନ୍ନ ଲୋକମାନଙ୍କର ରେସନ କାର୍ଡ ସମସ୍ୟାର ସମାଧାନ ନିମନ୍ତେ CSO କିମ୍ବା ତାଙ୍କର ପ୍ରତିନିଧିଙ୍କ ନିମନ୍ତେ ନିଗମ କାର୍ଯ୍ୟାଳୟ ମଧରେ ,ଏକ କ୍ୟାମ୍ପ୍ ଅଫିସର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ସେ ମଧ ବିଭିନ୍ନ ୱାର୍ଡ ମଧରେ ଅଙ୍ଗନୱାଡି ସମ୍ପର୍କରେ ବିଭିନ୍ନ ସମସ୍ୟାଗୁଡିକରେ ସମାଧାନ ନିମନ୍ତେ ସମ୍ପୃକ୍ତ ଷ୍ଟାଣ୍ଡିଙ୍ଗ କମିଟିକୁ CDPOମାନଙ୍କୁ ସ୍ୱତନ୍ତ୍ର ଭାବେ ଡକାଯାଇ ଆଲୋଚନା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ନିଗମର ବିଭିନ୍ନ ଅଂଚଳ ପରିଦର୍ଶନ କରାଯାଇ, ଜରୁରୀ କାଳୀନ ପରିସ୍ଥିତିରେ ହେବାକୁ ଥିବା କାର୍ଯ୍ୟଗୁଡିକ, ମାନ୍ୟବର ମେୟରଙ୍କ ଅନୁମୋଦନରେ କରାଯିବାକୁ ମଧ ପ୍ରସ୍ତାବ ଦେଇଥିଲେ ।

❖ ବୈଠକରେ କରାଯାଉଥିବା ଅଲୋଚନା ଅନଯାୟୀ, ଗ୍ରହଣ କରାଯାଇଥିବା ନିଷ୍ପତି ଗୁଡିକ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କ ଦୃଷ୍ଟିକୁ ଅଣାଯାଇ, ସେଗୁଡିକର କାର୍ଯ୍ୟକାରୀ ଦିଗରେ ପଦକ୍ଷେପ ଗ୍ରହଣ କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

**ମାନ୍ୟବର ଉଚ୍ଚନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ନିଗମର ବିଭିନ୍ନ ଅଂଚଳର Cattle Seizurର ନିମନ୍ତେ ପ୍ରସ୍ତୁତ କରାଯାଇଥିବା ଚିଠା କାର୍ଯ୍ୟପନ୍ଥା ଏବଂ ଜରିମାନା ଆଦାୟର ହାରକୁ ଅନୁମୋଦନ କରାଯିବାକୁ, କମିଶନର ସମସ୍ତ ସଦସ୍ୟ/ସଦସ୍ୟା ମାନଙ୍କୁ ଅନୁରୋଧ କରିଥିଲେ ।**

**ଶ୍ରୀଯୁକ୍ତ ହୃଷିକେଶ ପ୍ରଧାନ, କର୍ପୋରେଟର ୱାର୍ଡ ନଂ-୪୭ :**

❖ ଆସନ୍ତା ପୂଜା ଓ ପାର୍ବଣକୁ ଦୃଷ୍ଟିରେ ରଖାଯାଇ, ପ୍ରତ୍ୟେକ ୱର୍ଡର ପରିମଳ ବ୍ୟବସ୍ଥା ପ୍ରତି ଧ୍ୟାନ ଦିଆଯାଇ, ଅତିରିକ୍ତ ସଫେଇ କର୍ମଚାରୀ ନିୟୋଜନର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ସଫେଇ ତଥା ଆବର୍ଜନା ପରିବହନ କାର୍ଯ୍ୟ ନିମନ୍ତେ ନୟୋଜିତ ସଂସ୍ଥା "ରାମକୀ"ର ବକେୟା ଦେୟ ଯଥାଶିଘ୍ର ପ୍ରଦାନ କରାଯାଇ, ଉକ୍ତ ସଂସ୍ଥାଙ୍କ ଦ୍ୱାରା ନିୟୋଜିତ ସଫେଇ କର୍ମଚାରୀ ମାନଙ୍କର ମଜୁରୀ ଯଥାଶିଘ୍ର ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ନିଗମ ଅଂଚଳର ପ୍ରତ୍ୟେକ ଡ୍ରେନର Out-letର ବ୍ୟବସ୍ଥା କରାଯାଇ, ଜଳନିଷ୍କାସନ ବ୍ୟବସ୍ଥାକୁ ସୁସଙ୍ଗଠିତ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ଆସନ୍ତା ଦଶହରା ପୂର୍ବରୁ ପ୍ରତ୍ୟେକ ୱାର୍ଡ ନିମନ୍ତେ ଆବଶ୍ୟକ ପରିମାଣର ସ୍ଲାବ ସ୍ଥାପନର ବ୍ୟବସ୍ଥା କରାଯିବାକୁ ସେ ମଧ ପ୍ରସ୍ତାବ ଦେଇଥିଲେ ।

❖ ପ୍ରତ୍ୟେକ ୱାର୍ଡ ମଧରେ ରହିଥିବା ସରଫେସ ଡ୍ରେନ ଓ ମେଜର ସରଫେସ ଡ୍ରେନର ତାଲିକା ସମ୍ପୃକ୍ତ କର୍ପୋରେଟର ମାନଙ୍କୁ ପ୍ରଦାନ କରାଯାଇ, ଉକ୍ତ ଡ୍ରେନ ଗୁଡିକର ସଫେଇ ବ୍ୟବସ୍ଥା ନିମନ୍ତେ ଆବଶ୍ୟକ ସଂଖ୍ୟକ ଅତିରିକ୍ତ କୁଲୀ ନିୟୋଜନର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ପ୍ରତ୍ୟେକ ୱାର୍ଡ ନିମନ୍ତେ ଅତିରିକ୍ତ ୨ଜଣ ଲେଖାଁଏ କୁଲୀ ନିୟୋଜିତ କରାଯାଇ ସେମାନଙ୍କ ମାଧମରେ ୱାଡର Road dressing କାର୍ଯ୍ୟ ସଂମ୍ପୂର୍ଣ୍ଣ କରାଯାଇ, ଆସନ୍ତା ଦୁର୍ଗା ପୂଜା ପୂର୍ବରୁ ପ୍ରତ୍ୟେକ ୱାର୍ଡରେ ବୈଦ୍ୟୁତିକ ଆଲୋକରେ ସୁବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ତଥା ବୈଦୁତିକ ଆଲୋକର ସମସ୍ୟା ସମ୍ପର୍କରେ ବିସ୍ତୃତ ଭାବେ ନିଗମର ପବ୍ଲିକ୍ ହେଲଥ ଷ୍ଟାଣ୍ଡିଙ୍ଗ କମିଟି ବୈଠକରେ ଆଲୋଚନା କରାଯାଇ ବିଭିନ୍ନ ପ୍ରସ୍ତାବ ମାନ ଅନୁମୋଦନ ନିମନ୍ତେ ଉପସ୍ଥାପନା କରାଯାଇଥିବା କମିଟିର ଅଧକ୍ଷ ଶ୍ରୀଯୁକ୍ତ ରଞ୍ଜନ କୁମାର ବିଶ୍ୱାଳ ପ୍ରକାଶ କରିଥିଲେ ।

**ଶ୍ରୀଯୁକ୍ତା ଏ. ଶ୍ରୀଦେବୀ , ଅଧକ୍ଷା, ଏଜୁକେସନ ରିକ୍ରେସନ ଏବଂ କଲଚରାଲ ଷ୍ଟାଣ୍ଡିଙ୍ଗ କମିଟି:**

- ନିଗମ ଅଂଚଳରେ ରହିଥିବା ସମସ୍ତ ଶୌଚାଳୟ ଗୁଡିକର ଉପଯୁକ୍ତ ରକ୍ଷଣା ବେକ୍ଷଣ ତଥା ଆବଶ୍ୟକୀୟ ମରାମତି କାର୍ଯ୍ୟ କରାଯିବା ସହ, ନୂତନ ଶୌଚାଳୟ ଗୁଡିକର ନିର୍ମାଣ ଦିଗରେ ଯଥାଶିଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ।
- ୱାର୍ଡ ମଧ୍ୟରେ ଅନେକ ଅସୁରକ୍ଷିତ ଅବସ୍ଥାରେ ବହୁ ପୁରାତନ ଘର ରହିଥିବାରୁ, ଏ ସମ୍ପର୍କରେ କିଭଳି ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିବ ସେ ସମ୍ପର୍କରେ ସ୍ପଷ୍ଟିକରଣ ପ୍ରଦାନ ନିମନ୍ତେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

**ନିଗମର ବିଭିନ୍ନ ଅଂଚଳରେ ଅସୁରକ୍ଷିତ ଅବସ୍ଥାରେ ରହିଥିବା ଗୃହ ଗୁଡିକର ସର୍ଭେ କାର୍ଯ୍ୟ ସି.ଡି.ଏ କର୍ତ୍ତୃପକ୍ଷଙ୍କ ଦ୍ୱାରା କରାଯାଉଥିବା କମିଶନର ପ୍ରକାଶ କରିଥିଲେ ଏବଂ ନିଗମ କର୍ତ୍ତୃପକ୍ଷଙ୍କ ଦ୍ୱାରା କେବଳ ପ୍ରତ୍ୟେକ ୱାର୍ଡ ମଧ୍ୟରେ ରହିଥିବା ବ୍ୟବହାର ଉପଯୋଗୀ ନଥିବା ଅସୁରକ୍ଷିତ ଗୃହ ଗୁଡିକ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଉଥିବା ସମ୍ପର୍କରେ ସୂଚନା ଦେଇଥିଲେ।**

**ଶ୍ରୀଯୁକ୍ତ ଦୟାନିଧି ନାୟକ କର୍ପୋରେଟର ୱାର୍ଡ ନଂ-୪୯ :**

- ଜଗତପୁର ଅଂଚଳରେ ଦୁଇଗୋଟି ଶ୍ମସାନ ରହିଥିବାରୁ, ଏହି ଶ୍ମସାନ ଗୁଡିକ ନିମନ୍ତେ ଜଗୁଆଳୀ ନିୟୋଜନର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ।

**ନିଗମର ଆର୍ଥିକ ସମ୍ବଳକୁ ଦୃଷ୍ଟିରେ ରଖାଯାଇ ନିଗମ ଅଂଚଳର ରାସ୍ତା, ନାଳ, ସ୍ୱାସ୍ଥ୍ୟ ଓ ପରିମଳ ଏବଂ ବୈଦ୍ୟୁତିକ ଆଲୋକର ବ୍ୟବସ୍ଥା କରାଯିବା ନିମନ୍ତେ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଥିବା କମିଶନର ପ୍ରକାଶ କରିଥିଲେ। କଟକ ସହରର ବିଭିନ୍ନ ମୌଳିକ ସମସ୍ୟା ଗୁଡିକ ଅନୁଧାନ କରାଯାଇ, ଅଗ୍ରାଧିକାର ଭିତିରେ ବିଭିନ୍ନ ପର୍ଯ୍ୟାୟରେ, କାଉନସିଲର ଅନୁମୋଦନ କ୍ରମେ କାର୍ଯ୍ୟାକାରୀ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଉଥିବାର ସୂଚନା ପ୍ରଦାନ କରିଥିଲେ। ପୂର୍ବରୁ କରାଯାଇଥିବା ଅନେକ ପ୍ରକଳ୍ପ କାର୍ଯ୍ୟଗୁଡିକର ବକେୟା ଦେୟ, ସମ୍ପୃକ୍ତ ଠିକାଦାର ମାନଙ୍କୁ ପ୍ରଦାନ କଯାଇନଥିବାରୁ, ନିଗମର ନିଜସ୍ୱ ଆୟ ତୁଳନାରେ Liability ବୃଦ୍ଧି ଘଟି ଥିବାର ମଧ୍ୟ ସୂଚନା ଦେଇଥିଲେ। ନିଗମର ବିଭିନ୍ନ ଅଂଚଳର ଜଳବନ୍ଦୀ ସମସ୍ୟାର ପ୍ରତିକାର ନିମନ୍ତେ Drainage Division ସହ ଯୋଗାଯୋଗ କରାଯାଇ ସ୍ୱତନ୍ତ୍ର ଭାବେ ପାଣ୍ଠିର ବ୍ୟବସ୍ଥା କରାଯିବାକୁ ସେ ମଧ୍ୟ ପ୍ରସ୍ତାବ ଦେଇଥିଲେ। ସେହିପରି କେନ୍ଦ୍ର ସରକାରଙ୍କ କେତେକ ଯୋଜନା ମାଧ୍ୟମରେ ଉପଯୁକ୍ତ ପ୍ରକଳ୍ପ କାର୍ଯ୍ୟ ଗୁଡିକ ଅନ୍ତର୍ଭୁକ୍ତ କରାଯାଇ ପାଣ୍ଠିର ବ୍ୟବସ୍ଥା ସହ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ବିଭିନ୍ନ ଯୋଜନାରେ ପ୍ରାପ୍ତ ଅନୁଦାନର ସଠିକ ବିନିଯୋଗ କରାଯାଇ ଅତିରିକ୍ତ ପାଣ୍ଠିର ବ୍ୟବସ୍ଥା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବାକୁ ସେ ପରାମର୍ଶ ଦେଇଥିଲେ। ସେ ମଧ୍ୟ ଯେ କୌଣସି ପରିସ୍ଥିତିରେ ଲୋକମାନଙ୍କୁ ମୌଳିକ ସେବା ଯୋଗାଇ ଦେବାରେ କୌଣସି ଅବହେଳା ପ୍ରଦର୍ଶନ ନ କରାଯିବାକୁ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ। ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ସହ ରାସ୍ତା ଘାଟର ଉନ୍ନତି ଏବଂ ବୈଦ୍ୟୁତିକ ଆଲୋକ ସେବା କ୍ଷେତ୍ରରେ ଉନ୍ନତି ଆଣାଯିବା ନିମନ୍ତେ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଥିବାର ସେ ସୂଚନା ମଧ୍ୟ ପ୍ରଦାନ କରିଥିଲେ। ସ୍ୱାସ୍ଥ୍ୟ ଓ ପରିମଳ କ୍ଷେତ୍ରରେ ସୁଧାର ଆଣାଯିବା ନିମନ୍ତେ ନିଗମର ସ୍ୱାସ୍ଥ୍ୟ କମିଟି ଦ୍ୱାରା ସୁପାରିଶ କରାଯାଉଥିବା ପ୍ରସ୍ତାବ ଗୁଡିକ ଅନୁମୋଦନ କରାଯିବା ନିମନ୍ତେ ସେ ମଧ୍ୟ ଅନୁରୋଧ କରିଥିଲେ। ସେ ମଧ୍ୟ ବିଭିନ୍ନ ସର୍ଭିସ ପ୍ରୋଭାଇଡରଙ୍କ ମାଧ୍ୟମରେ ଅସ୍ଥାୟୀ ଭାବେ ବିଭିନ୍ନ କାର୍ଯ୍ୟ ନିମନ୍ତେ ନିୟୋଜନ କରାଯାଉଥିବା କର୍ମଚାରୀ ମାନଙ୍କ ନିମନ୍ତେ ପ୍ରସ୍ତୁତ କରାଯାଇଥିବା Guidelineକୁ ଅନୁମୋଦନ କରାଯିବା ନିମନ୍ତେ ମଧ୍ୟ ଅନୁରୋଧ କରିଥିଲେ। ସର୍ଭିସ ପ୍ରୋଭାଇଡର ମାନଙ୍କ ମାଧ୍ୟମରେ ନିୟୋଜିତ କୁଲିମାନଙ୍କୁ ରାଜ୍ୟସରକାରଙ୍କ Circular ଅନୁଯାୟୀ ଦୈନିକ ମଜୁରୀ ହିସାବରେ ଟ.୨୦୨/- ସମ୍ପୃକ୍ତ ସର୍ଭିସ ପ୍ରୋଭାଡରଙ୍କୁ ପ୍ରଦାନ କରାଯାଉଥିବା ସେ ପ୍ରକାଶ କରିଥିଲେ। ଉକ୍ତ ମଜୁରୀ ମଧ୍ୟରେ ସର୍ଭିସ ପ୍ରୋଭାଇଡରଙ୍କ କମିଶନ ବାବଦରେ ଟ.୯.୭୫ପ ଏବ ଅବଶିଷ୍ଟ ଟଙ୍କାରେ ସମ୍ପୃକ୍ତ କର୍ମଚାରୀ ମାନଙ୍କର ମଞ୍ଜୁରୀ ,ଇ.ପି.ଏଫ ଏବଂ ଇ.ଏସ.ଆଇ. ଅନ୍ତର୍ଭୁକ୍ତ ହୋଇଥିବା ସେ ମଧ୍ୟ ପ୍ରକାଶ କରିଥିଲେ। ଯଥାଶିଘ୍ର ଅର୍ଥ ବିଭାଗର Circular**

**ଅନୁଯାୟୀ ନୂତନ Service Provider ମାନଙ୍କର ଏକ ପ୍ୟାନେଲ ପ୍ରସ୍ତୁତ କାରାଯିବା ନିମନ୍ତେ ଟେଣ୍ଡର କରାଯାଉଥିବା ସେ ମଧ ପ୍ରକାଶ କରିଥିଲେ ।**

**ଶ୍ରୀଯୁକ୍ତ ସଞ୍ଜୟ କୁମାର ବରାଳ, କର୍ପୋରେଟର ୱାର୍ଡ ନଂ-୫୬ :**

- ପରିମଳ ବ୍ୟବସ୍ଥା ନିମନ୍ତେ ନିୟୋଜିତ ସଂସ୍ଥାଙ୍କ ଦ୍ୱାରା ୫୬ ରୁ ୫୯ ନମ୍ବର ୱାର୍ଡ ଗୁଡିକ ନିମନ୍ତେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନିୟୋଜନ କରାଯାଇନଥିବାରୁ, ଉକ୍ତ ୱାର୍ଡ ଗୁଡିକର ପରିମଳ ବ୍ୟବସ୍ଥା ସଠିକ ଭାବେ କରାଯାଉନଥିବାର ଅଭିଯୋଗ କରି, ଏ ଦିଗରେ ବିହିତ ପଦକ୍ଷେପ ନିମନ୍ତେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସେ ମଧ ରାମକୀ ସଂସ୍ଥାଙ୍କ ଦ୍ୱାରା ଉକ୍ତ ୱାର୍ଡ ଗୁଡିକ ନିମନ୍ତେ ଅତ୍ୟନ୍ତ ପକ୍ଷେ ୧୦ଜଣ ସୁଇପର ଓ ୨ଜଣ କୁଲୀ ନିୟୋଜନର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ୱାର୍ଡ ମଧରେ ବିଭିନ୍ନ ସ୍ଥାନରେ ଥିବା ନୟନ ଜୋରୀ ଗୁଡିକର କଲର୍ଭଟ ଗୁଡିକର ସଫାଇ କାର୍ଯ୍ୟ, ୱାର୍ଡ ନିମନ୍ତେ ନିର୍ଦ୍ଧାରିତ ଓ ଅତିରିକ୍ତ କୁଲୀ ମାନଙ୍କ ଦ୍ୱାରା ଯଥାଶିଘ୍ର କରାଯିବାକୁ ସେ ପ୍ରସ୍ତାବ ଦେଇଥିଲେ ।
- ୫୬ ରୁ ୫୯ ନମ୍ବର ୱାର୍ଡର ଜାତୀୟ ରାଜପଥ ପାର୍ଶ୍ୱରେ ଏକ ଉପଯୁକ୍ତ ସ୍ଥାନ ଚିହ୍ନଟ କରାଯାଇ, ଏକ ଡିସପେନସାରୀ ନିର୍ମାଣ ନିମନ୍ତେ NUHM କାର୍ଯ୍ୟକ୍ରମ ମଧରେ ଅନ୍ତର୍ଭୁକ୍ତ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ୫୬ ନମ୍ବର ୱାର୍ଡ ମଧରେ ରହିଥିବା କଳିଙ୍ଗ ଭାରତୀ ଅବାସିକ କଲେଜ ଗୃହର Commercial ହାରରେ ଗୃହ ଟିକସ ନିର୍ଦ୍ଧାରଣ କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।
- ୱାର୍ଡ ମଧରେ ୮ଟି ବସ୍ତି ଅଂଚଳ ତଥା ନଦୀବନ୍ଧ ମଧରେ ବ୍ରୁଶ କଟିଙ୍ଗ ନିମନ୍ତେ ଅତ୍ୟନ୍ତ ପକ୍ଷେ ୫ଜଣ କୁଲୀ ଏକ ମାସ ନିମନ୍ତେ ଯୋଗାଇଦେବାକୁ ଅନୁରୋଧ କରିଥିଲେ ।

ୱାର୍ଡ ନିମନ୍ତେ ନିୟୋଜିତ ସୁଇପରମାନେ ପ୍ରତ୍ୟେକ ଦିନ ବିଭିନ୍ନ ସ୍ଥାନରେ ସ୍ଥାପନ କରାଯାଇଥିବା ଡଷ୍ଟ୍‌ବିନ ମଧରେ ଆବର୍ଜନା ଗୁଡିକ ପକାଇବାକୁ, ସମ୍ପୃକ୍ତ ଜମାଦାରମାନଙ୍କ ମାଧମରେ ନିର୍ଦ୍ଦେଶ ପ୍ରଦାନ କରାଯିବା ନିମନ୍ତେ ସଦସ୍ୟ ଶ୍ରୀଯୁକ୍ତ ଅରୁଣ କୁମାର ସେଠୀ ପ୍ରସ୍ତାବ ଦେଇଥିଲେ ।

ବର୍ଷାଦିନରେ ମୋଟର ପମ୍ପ ଚଲାଯିବା ନମନ୍ତେ ଦାୟିତ୍ୱରେ ରହିଥବା କର୍ମଚାରୀ ମାନଙ୍କ ନିମନ୍ତେ ଯଥାଶିଘ୍ର ରେନ କୋଟ ପ୍ରଦାନର ବ୍ୟବସ୍ଥା କରାଯିବାକୁ ପବ୍ଲିକ ହେଲଥ ଷ୍ଟାଣ୍ଡିଙ୍ଗ କମିଟିର ଅଧକ୍ଷ ଶ୍ରୀଯୁକ୍ତ ରଞ୍ଜନ କୁମାର ବିଶ୍ୱାଳ ପ୍ରସ୍ତାବ ଦେଇଥିଲେ ।

ୱାର୍ଡର ଶିବାଜୀ ନଗର କର୍ଲଭଟର ଭଙ୍ଗା ସ୍ଲାବ ଗୁଡିକ ଯଥାଶିଘ୍ର ଜାଇକା କର୍ତ୍ତୃପକ୍ଷଙ୍କ ଦ୍ୱାରା ଉଠାଯାଇ ଉକ୍ତ ନାଳକୁ ସଫା କାରାଯାଇ ଜଳ ନିଷ୍କାସନର ବ୍ୟବସ୍ଥା କରାଯିବାକୁ ସଦସ୍ୟା ସୁଶ୍ରୀ ରଞ୍ଜିତା ବିଶ୍ୱାଳ ପସ୍ତାବ ଦେଇଥିଲେ ।

ପୁରୀଘାଟ ଥାନା ନିକଟରେ ରହିଥିବା ଡ୍ରେନ ମଧରେ ଅନେକ ପାଇପ ରହିଥିବାରୁ ଏବଂ ଜଳ ନିଷ୍କାସନରେ ବାଧା ସୃଷ୍ଟି ହେଉଥିବାରୁ, ଯଥାଶିଘ୍ର ଯନ୍ତ୍ରୀ ବିଭାଗ ଦ୍ୱାରା ଅନୁଧାନ କରାଯାଇ ଏହାକୁ Open Drain କରାଯିବା ନିମନ୍ତେ ସଦସ୍ୟା ଶ୍ରୀମତୀ ବୈଶାଳୀ ବେହେରା ପ୍ରସ୍ତାବ ଦେଇଥିଲେ ।

**ହରିଶ୍ଚନ୍ଦ୍ର ଯୋଜନାରେ ପ୍ରାପ୍ତ ହୋଇଥିବା ଅର୍ଥ ମଧରୁ ପ୍ରଥମେ ବକେୟା ଦେୟକୁ ପ୍ରଦାନ କରାଯାଇ ଅବଶିଷ୍ଟ ଅର୍ଥକୁ ସମ୍ପୃକ୍ତ କମ୍ୟୁନିଟି ଅର୍ଗାନାଇଜର ମାନଙ୍କୁ Advance ଆକାରରେ ପ୍ରଦାନ କରାଯିବାକୁ କମିଶନର ନିର୍ଦ୍ଦେଶ ଦେଇଥିଲେ । ଏହି ଅର୍ଥର ବିନିଯୋଗ ପ୍ରମାଣ ପତ୍ର ଯଥାଶିଘ୍ର ପ୍ରଦାନ କରାଯିବାକୁ ମଧ ନିର୍ଦ୍ଦେଶ ଦେଇଥିଲେ ।**

ସହରର ବିଭିନ୍ନ ଅଂଚଳରେ ଜାଇକା କାର୍ଯ୍ୟକ୍ରମ ମାଧମରେ ଡ୍ରେନ ତଥା ସ୍ୱରେଜର ବ୍ୟବସ୍ଥା କରାଯାଉଥିବାରୁ , ଜଗତପୁର ଅଂଚଳ ଏବଂ ୫୬ ରୁ ୫୯ ୱାର୍ଡର ଜଳ ନଷ୍କାସନ ବ୍ୟବସ୍ଥା ନିମନ୍ତେ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯାଇ, ଡ୍ରେନ ତଥା ରାସ୍ତା ଘାଟର ଉନ୍ନୟନ କାର୍ଯ୍ୟ କରାଯିବାକୁ ସଦସ୍ୟା ଶ୍ରୀମତୀ ରାଜ କୁମାରୀ ସ୍ୱାଇଁ ପ୍ରସ୍ତାବ ଦେଇଥିଲେ ।

ୱାର୍ଡର ଦୁଇଟି ବସ୍ତି ଅଂଚଳ ଚିହ୍ନଟ କରାଯାଇ ସେଠାରେ ଅତ୍ୟନ୍ତ ପକ୍ଷେ ଦୁଇଟି ଶୌଚାଳୟ ନିର୍ମାଣର ବ୍ୟବସ୍ଥା କରାଯିବାକୁ ସଦସ୍ୟ ଶ୍ରୀଯୁକ୍ତ ସଞ୍ଜୟ କୁମାର ବରାଳ ପ୍ରସ୍ତାବ ଦେଇଥିଲେ ।

**JICA** କର୍ତ୍ତୃପକ୍ଷଙ୍କ ମାଧମରେ ୱାର୍ଡ ମଧରେ ରହିଥିବା ବସ୍ତି ଅଂଚଳଗୁଡିକର ବିକାଶ ନିମନ୍ତେ ନୂତନ ପ୍ରସ୍ତାବ ଅନ୍ତର୍ଭୁକ୍ତ କରାଯିବାକୁ ସଦସ୍ୟ ଶ୍ରୀଯୁକ୍ତ ଅରୁଣ କୁମାର ସେଠୀ ପ୍ରସ୍ତାବ ଦେଇଥିଲେ ।

ଗ୍ରୀଭାନସେସ୍ ଆଣ୍ଡ ସୋସିଆଲ ଜଷ୍ଟିସ ଷ୍ଟାଣ୍ଡିଙ୍ଗ କମିଟି ମାଧମରେ ଆଗତ ଓଐଝଉଚ ଯୋଜନାରେ ଅନ୍ଧରପୁର ଠାରେ ବସ୍ତି ବାସିନ୍ଦାଙ୍କ ନିମନ୍ତେ ବାସଗୃହ ନିର୍ମାଣ ପ୍ରକଳ୍ପକୁ ସ୍ଥାନୀୟଲୋକ ବିରୋଧ କରୁଥିବାରୁ ଏବଂ ଏହି ସଂକ୍ରାନ୍ତରେ ଏକ ମାମଲା ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ବିଚାରାଧିନ ଥିବାରୁ , ସଦସ୍ୟ ଶ୍ରୀଯୁକ୍ତ ହୃଷିକେଶ ପ୍ରଧାନ ଏବଂ ଶ୍ରୀ ପ୍ରଦୀପ କୁମାର ସମାନ୍ତରାୟ ବିରୋଧ କରିଥିଲେ ଏବଂ ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟକୁ ସ୍ଥଗିତ ରଖିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

**ଏ ସମ୍ପର୍କରେ ସ୍ପଷ୍ଟିକରଣ ପ୍ରଦାନ କରି କମିଶନର କହିଥିଲେ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ବର୍ତ୍ତମାନ ଅନ୍ଧପୁରଠାରେ IHSDP ଯୋଜନା ମାଧମରେ ନିୟୋଜିତ ସଂସ୍ଥାଙ୍କ ମାଧମରେ ନିର୍ମାଣକାର୍ଯ୍ୟ ଚାଲୁ ରହିଛି । କିନ୍ତୁ କେତେକ ସ୍ଥାନୀୟ ଜନସାଧାରଣମାନଙ୍କ ସହିତ ସଦସ୍ୟ ଶ୍ରୀଯୁକ୍ତ ହୃଷିକେଶ ପ୍ରଧାନ ଏବଂ ଶ୍ରୀଯୁକ୍ତ ପ୍ରଦୀପ ସାମନ୍ତରାୟ ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟକୁ ବିରୋଧ କରିଛନ୍ତି ଏବଂ ବର୍ତ୍ତମାନ ଏକ PIL କେସ ମାନ୍ୟବର ଉଚ୍ଚନ୍ୟାୟଳୟର ବିଚାରାଧିନ ଅବସ୍ଥାରେ ରହିଅଛି । ଉକ୍ତ ଅଂଚଳରେ କେତେକ ନେତୃ ସ୍ଥାନୀୟ ଜନସାଧାରଣ ଏବଂ ମାନ୍ୟବର ବିଧାୟକ ମଧରେ ଆଲୋଚନା ମଧ ହୋଇଥିବା ସେ ପ୍ରକାଶ କରିଥିଲେ । ବର୍ତ୍ତମାନ ଏହି ପ୍ରକଳ୍ପ କାର୍ଯ୍ୟକୁ ବନ୍ଦ କରାଗଲେ, କେନ୍ଦ୍ର ସରକାରଙ୍କଠାରୁ ପ୍ରାପ୍ତ ସମସ୍ତ ଅର୍ଥ ଫେରସ୍ତ ମଧ କାରାଯିବାକୁ ପଡିବ ବୋଲି ସେ ସୂଚନା ଦେଇଥିଲେ । ବର୍ତ୍ତମାନ ସୁଦ୍ଧା ଏହି ପ୍ରକଳ୍ପ କାର୍ଯ୍ୟ ନିମନ୍ତେ ପ୍ରାୟ ୨କୋଟି ଟଙ୍କା ବିନିଯୋଗ କରାଯାଇଥିବାର ସେ ମଧ ସୂଚନା ଦେଇଥିଲେ । ଏ ସମ୍ପର୍କରେ ନଗର ଉନ୍ନୟନ ବିଭାଗର ଶାସନ ସଚିବ ଏବଂ ଉକ୍ତ ଅଂଚଳର ନେତୃ ସ୍ଥାନୀୟ ନାଗରିକମାନଙ୍କ ମଧରେ ଆଲୋଚନା ମଧ କରାଯାଇଥିବା ସେ ପ୍ରକାଶ କରିଥିଲେ । ମାନ୍ୟବର ଉଚ୍ଚନ୍ୟାୟଳୟରେ ଏହି ପ୍ରସଙ୍ଗରେ ଏକ ମାମଲା ବିଚାରାଧିନ ରହିଥିବାରୁ, ମାନ୍ୟବର ଉଚ୍ଚନ୍ୟାୟଳୟଙ୍କ ନିର୍ଦ୍ଦେଶକୁ ଅପେକ୍ଷା କରାଯିବାକୁ ସ୍ଥିର କରାଯାଇଥିବା ସେ ମଧ ପ୍ରକାଶ କରିଥିଲେ । ସେ ମଧ ନିଗମର ଯନ୍ତ୍ରୀ ବିଭାଗ ଦ୍ୱାରା ଆଗତ Construction of Modern Meat Shop & Beef Selling Centre ପ୍ରସ୍ତାବ ସହ ଅନ୍ୟାନ ପ୍ରସ୍ତାବ ଗୁଡିକ ଅନୁମୋଦନ କରାଯିବାକୁ ଅନୁରୋଧ କରିଥିଲେ । ସେ ମଧ କଟକର ସତୀଚୌରା ଘାଟଠାରେ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ସ୍ମାରକୀ ଉଦ୍ଦେଶ୍ୟରେ ଶ୍ରୀ ଚୈତନ୍ୟ ମଣ୍ଡଳ ସେବା ସଂଘ ପକ୍ଷରୁ ଏକ ପ୍ରତିମୂର୍ତ୍ତି ସ୍ଥାପନ ନମନ୍ତେ, ଏକ ଜମି ପ୍ରଦାନ ନିମନ୍ତେ କଟକ ଜିଲ୍ଲାପାଳଙ୍କ ନିକଟକୁ ସୁପାରିଶ କରାଯିବା ନିମନ୍ତେ ଆଗତ ପ୍ରସ୍ତାବକୁ ଅନୁମୋଦନ କରାଯିବାକୁ ମଧ ଅନୁରୋଧ କରିଥିଲେ । ଏହି ପତିମୂର୍ତ୍ତି ନିର୍ମାଣ ତଥା ସ୍ଥାପନ କାର୍ଯ୍ୟରେ ନିଗମ ପକ୍ଷରୁ କୌଣସି ଅର୍ଥ ଖର୍ଚ୍ଚ କରାନଯିବାର ମଧ ସୂଚନା ଦେଇଥିଲେ ।**

ଏହାପରେ ବୈଠକରେ ଉପସ୍ଥାପନା କରାଯାଇଥିବା ନିମ୍ନଲିଖିତ ପ୍ରସ୍ତାବ ଗୁଡିକ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇ ନିମ୍ନଲିଖିତ ନିଷ୍ପତି ଗ୍ରହଣ କରାଗଲା ।

**ପ୍ରସ୍ତାବ ନଂ-୧.** ଗତ ତା. ୧୦-୦୬-୨୦୧୪ରିଖ ବୈଠକର ଚତୁର୍ଥ ସାଧାରଣ ବୈଠକର ବିବରଣୀ ଦୃଢ଼ୀକରଣ ।

**ନିର୍ଦ୍ଧାରଣ-୧ :** ଗତ ତା ୧୦-୦୬-୨୦୧୪ରିଖ ନିଗମର ସାଧାରଣ ଅଧିବେଶନର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

**ପ୍ରସ୍ତାବ ନଂ-୨.** ନିମ୍ନଲିଖିତ ଷ୍ଟାଣ୍ଡିଙ୍ଗ କମିଟି ଗୁଡ଼ିକର ବିବରଣୀ ପଠନ ଓ ଦୃଢ଼ୀକରଣ ।

**ନିର୍ଦ୍ଧାରଣ ନଂ-୨.୧** ଗତ ତା୧୩.୦୬.୨୦୧୪ରିଖ ପବ୍ଲିକ ହେଲଥ୍, ୱାଟର ସପ୍ଲାଏ, ଇଲେକ୍ଟ୍ରିକ ସପ୍ଲାଏ, ଡ୍ରେନେଜ ଆଣ୍ଡ ଏନଭାଇରନମେଣ୍ଟ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

ନିର୍ଦ୍ଧାରଣ ନଂ-୨.୨ ଗତ ତା ୧୭.୦୬.୨୦୧୪ରିଖ ପବ୍ଲିକ ୱାର୍କସ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।।

ନିର୍ଦ୍ଧାରଣ ନଂ-୨.୩ ଗତ ତା ୧୭.୦୬.୨୦୧୪ରିଖ ଲାଇସେନସ୍ ଆଣ୍ଡ ଅପିଲ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମତି କ୍ରମେ ଦୃଢ଼ୀକରଣ କରାଗଲା ।।

ନିର୍ଦ୍ଧାରଣ ନଂ-୨.୪ ଗତ ତା ୧୮.୦୬.୨୦୧୪ରିଖ ଗ୍ରୀଭାନସ୍ ଆଣ୍ଡ ସୋସିଆଲ ଜଷ୍ଟିସ ଷ୍ଟାଣ୍ଡିଙ୍ଗ କମିଟି ବୈଠକ ବିବରଣୀର କ୍ରମିକ ନଂ-୮ ମାଧ୍ୟମରେ ଆଗତ ପ୍ରସ୍ତାବକୁ ସ୍ଥଗିତ ରଖାଯାଇ, ଅନ୍ୟ ସମସ୍ତ ପ୍ରସ୍ତାବ ଗୁଡ଼ିକ ସର୍ବ ସମ୍ମତି କ୍ରମେ ଦୃଢ଼ୀକରଣ କରାଗଲା ।

ନିର୍ଦ୍ଧାରଣ ନଂ-୨.୫ ଗତ ତା ୧୮.୦୬.୨୦୧୪ରିଖ ପ୍ଲାନିଙ୍ଗ ଆଣ୍ଡ ଡ଼େଭଲପମେଣ୍ଟ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

ନିର୍ଦ୍ଧାରଣ ନଂ-୨.୬ ଗତ ତା ୨୦.୦୬.୨୦୧୪ରିଖ ଟ୍ୟାକ୍ସେସନ, ଫାଇନାନସ୍ ଆଣ୍ଡ ଆକାଉଣ୍ଟସ୍ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

ନିର୍ଦ୍ଧାରଣ ନଂ-୨.୭ ଗତ ତା ୨୦.୦୬.୨୦୧୪ରିଖ ଏଜୁକେଶନ, ରିକ୍ରେସନ ଆଣ୍ଡ କଲଚର ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

ନିର୍ଦ୍ଧାରଣ ନଂ-୨.୮ ଗତ ତା ୨୫.୦୬.୨୦୧୪ରିଖ କଣ୍ଟ୍ରାକ୍ଟ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

ନିର୍ଦ୍ଧାରଣ ନଂ-୨.୯ ଗତ ତା ୨୬.୦୬.୨୦୧୪ରିଖ ପବ୍ଲିକ ୱାର୍କସ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

ନିର୍ଦ୍ଧାରଣ ନଂ-୨.୧୦ ଗତ ତା ୧୪.୦୭.୨୦୧୪ରିଖ କର୍ପୋରେସନ ଏଷ୍ଟାବ୍ଲିସମେଣ୍ଟ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

ନିର୍ଦ୍ଧାରଣ ନଂ-୨.୧୧ ଗତ ତା ୩୦.୦୭.୨୦୧୪ରିଖ କଣ୍ଟ୍ରାକ୍ଟ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମତି କ୍ରମେ ଦୃଢ଼ୀକରଣ କରାଗଲା । ଏହି ବିବରଣୀର Annexure-I(3) ଏବଂ Annexure-I(4) ମାଧ୍ୟମରେ ପାରିତ କରାଯାଇଥିବା କାର୍ଯ୍ୟ ଗୁଡ଼ିକ ପୁରୁଣା ୱାର୍ଡ ନଂ ୩୩ ଏବଂ ବର୍ତ୍ତମାନର ନୂତନ ୱାର୍ଡ ନଂ.୩୭ ଭାବେ ସଂଶୋଧନ କରାଗଲା ।

ପ୍ରସ୍ତାବ ନଂ-୩ ଆସନ୍ତା ତା ୩୧.୦୮.୨୦୧୪ ଦିନ ସ୍ୱାୟତ ଶାସନ ଦିବସ ପାଳନ ନିମନ୍ତେ ତା ୨୫.୦୭.୨୦୧୪ରିଖର ପ୍ରସ୍ତୁତି ବୈଠକରେ ଗ୍ରହଣ କରାଯାଇଥିବା ବିଭନ୍ନ ପ୍ରସ୍ତାବ ତଥା କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ।

ନିର୍ଦ୍ଧାରଣ ନଂ-୩ ସ୍ୱାୟତ ଶାସନ ଦିବସ ପାଳନ ନିମନ୍ତେ କାଉସିଲର ଏକ ସ୍ୱତନ୍ତ୍ର ବୈଠକ ଡକାଯିବା ନିମନ୍ତେ ସ୍ଥିର କରାଗଲା ।

ନିର୍ଦ୍ଧାରଣ ନଂ-୪. ନିଗମର ଯନ୍ତ୍ରୀ ବିଭାଗ ଦ୍ୱାରା ଆଗତ କରାଯାଇଥିବା ନିମ୍ନଲିଖିତ ପ୍ରସ୍ତାବ ଗୁଡ଼ିକ ବିସ୍ତୃତ ଆଲୋଚନା କରଯାଇ ଅନୁମୋଦନ କରାଗଲା ।

a. **Action plan of 13 th Finance commission recommended General Basic Grant for the year-2014-15 may be placed before the next Finance Standing Commettee for discussion and recommendation.**
b. **Approval has been accorded for the proposed constrution of modern meat shop & Beef selling centre at the following locations as per terms & conditions of MSME Department.- As per H & UD Deptt. Letter No-12724/HUD, dt. 23.06.2014 & Letter No-13817/HUD, dt. 10.07.2014 for the compliance of orders of Hon'ble High Court.**

| Sl. No. | Name of the Location | Nos. |
|---|---|---|
| 1. | At Potapokhari over plot No-858, Khata No-747 near existing slaughter house | 5 nos Modern Meat Shop |
| 2. | At Khannagar over Plot No-860 (P) Khata No-204 near existing slaughter house | 5 nos Modern Meat Shop |
| 3. | At Krushak Bazar over plot No-550 (P) & 551 (P) near existing temporary meat shop | 5 nos Modern Meat Shop |
| 4. | At Kathagada Sahi Hatipokhari over plot No-1364, Unit No-16 (as per Collector, Cuttack letter No-725/Rev. dt. 06.03.2014)for compliance of orders of Hon'ble High Court vide OJC No-6721/99, dt. 06.03.2014 | 14 nos Modern Meat Shop (Beef Selling Centre) |

c. **Approval has been accorded for Provision of Street lights at Baunsa Gali (Adjacent to Pooja Mandir Road) at an estimated cost of 62800/-, to be met out of MP LAD fund 2013-14 of Hon'ble M.P. Rajya Sabha, Sj. Sashi Bhusan Behera-(amount received 65,000)**

d. **Approval has been accorded for installation of Semi High Mast fittings (3 X 36 Watt CFL) at Manteswari Gada Mahanadi Embackment road in CDA Sector-10 of Ward No-03 at an estimated cost of Rs. 46,200.00**

e. **Approval has been accorded for Making of foundation for errection of Conical Tubular Pole with fixing of 150 Watt. SV fittings damaged due to accident at Naraj Barrage at an estimated cost of Rs. 17,800/-**

f. **Approval has been accorded for Replacement of Power Supply cable for 20mt. High Mast fittings at CDA Sector-9 & 06 Junction Chhaka at an estimated cost of Rs. 21,700/-**

**ପ୍ରସ୍ତାବ ନଂ-୫.** ନୀଳଶୈଳ ଅନୁଷ୍ଠାନ ଏବଂ ରାଜ କିଶୋର ରାଜ ସ୍ମୃତି ସଂସଦର କର୍ମକର୍ତାଙ୍କ ଆବେଦନକୁ ଅନୁଧ୍ୟାନ କରାଯାଇ ସ୍ୱର୍ଗତ ରାଜ କିଶୋର ରାଜ, ସାହିତ୍ୟିକ, ସ୍ତମ୍ଭକାର, ସଙ୍ଗଠକ ଓ ବିଶିଷ୍ଟ ସମାଜସେବୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକୀ ପ୍ରତିଷ୍ଠା ସହ କଟକ ସହରର ଏକ ମାର୍ଗ କିମ୍ବା ଉଦ୍ୟାନକୁ ତାଙ୍କର ନାମରେ ନାମିତ କରିବା ପାଇଁ ଆଗତ ପ୍ରସ୍ତାବ ।

**ନିର୍ଦ୍ଧାରଣ ନଂ-୫.** ଉପରୋକ୍ତ ପ୍ରସ୍ତାବ ସମ୍ପର୍କରେ କାଉନସିଲର ଆସନ୍ତା ବୈଠକରେ ଆଲୋଚନା କରାଯିବାକୁ ସ୍ଥିର କରାଗଲା ।

ନିର୍ଦ୍ଧାରଣ **ନଂ-୬ କର୍ପୋରେଟର ମାନଙ୍କ ସହ କରାଯାଇଥିବା ଆଲୋଚନା ଅନୁଯାୟୀ ନିମ୍ନଲିଖିତ ନିଷ୍ପତି ସର୍ମସମ୍ମତି କ୍ରମେ ପାରିତ କରାଗଲା ।**

୧. ନିଗମର କାଉନସିଲ ବୈଠକ ସମୟରେ ସମ୍ମିଳନୀ କକ୍ଷରେ ସମ୍ବାଦିକ ତଥା ଗଣ ପ୍ରତିନିଧିମାନେ ଉପସ୍ଥିତ ରହିବାକୁ ଅନୁମତି ପ୍ରଦାନ କରାଯିବାକୁ ସର୍ବସମ୍ମତି କ୍ରମେ ନିଷ୍ପତି ଗ୍ରହଣ କରାଗଲା ।

୨. କାଉନସିଲ ବୈଠକର ବିବରଣୀ ଗୁଡିକ ଯଥା ସମ୍ଭବ ୧୫ଦିନ ମଧ୍ୟରେ ସମସ୍ତ ସଦସ୍ୟ/ସଦସ୍ୟାମାନଙ୍କ ଅବଗତ ନିମନ୍ତେ ପ୍ରଦାନ କରାଯିବାକୁ ସ୍ଥିର କରାଗଲା ।

୩. ପ୍ରତ୍ୟେକ କାଉନସିଲ ବୈଠକର କାର୍ଯ୍ୟସୂଚୀ ମଧ୍ୟରେ ପୂର୍ବ ବୈଠକ ବିବରଣୀ ର Action Taken Report ସମ୍ପୃକ୍ତ ବିଭାଗଦ୍ୱାରା ପ୍ରଦାନ କରାଯିବାକୁ ସ୍ଥିର କରାଗଲା ।

୪. ଗତ ତା. ୧୦.୦୬.୨୦୧୪ରିଖ ନିଗମର ସାଧାରଣ ଅଧିବେଶନ ବିବରଣୀ ନିର୍ଦ୍ଧାରଣ-୫.୫କୁ ସଂଶୋଧନ କରାଯାଇ ,ବର୍ଷାଦିନ ନିମନ୍ତେ ନିୟୋଜିତ ପମ୍ପ ଡ୍ରାଇଭର ମାନଙ୍କର କାର୍ଯ୍ୟ ଅବଧିକୁ ନଭେମ୍ବର ,୨୦୧୪ମାସ ପର୍ଯ୍ୟନ୍ତ ବୃଦ୍ଧି କରାଯିବାକୁ ସ୍ଥିର କରାଗଲା ।

୫. ସଦସ୍ୟା ଶ୍ରୀଯୁକ୍ତ କବତା ଖଣ୍ଡାଇ ,ପ୍ରଦାନ କରିଥିବା ପ୍ରସ୍ତାବକୁ ଅନୁଧାନ କରାଯାଇ ୱାର୍ଡ ନ. ୪୭ର ରାସ୍ତା ଗୁଡିକର ଡ୍ରେସିଂ ,ପଙ୍କ ଉଦ୍ଧାର କାର୍ଯ୍ୟ ସହ ଚୋକ ମରାକାର୍ଯ୍ୟ ଏବଂ ବୁଶ କଟିଙ୍ଗ କାର୍ଯ୍ୟ ନିମନ୍ତେ ଗତ ବର୍ଷ ଭଳି ଆସନ୍ତା ୦୧.୦୯.୨୦୧୪ରିଖ ଠାରୁ ୩୧.୦୩.୨୦୧୪ ପର୍ଯ୍ୟନ୍ତ ୪ଜଣ ସ୍ୱତନ୍ତ୍ର କୁଲୀ ନିୟୋଜନର ବ୍ୟବସ୍ଥା କରାଯିବାକୁ ଅନୁମୋଦନ କରାଗଲା ।

୬. କଟକର ସତୀଚୌରା ଘାଟ ଠାରେ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ସ୍ମାରକୀ ଉଦ୍ଦେଶ୍ୟରେ ଶ୍ରୀ ଚୈତନ୍ୟ ମଣ୍ଡଳ ସେବା ସଂଘ ପକ୍ଷରୁ ଏକ ପ୍ରତିମୂର୍ତୀ ସ୍ଥାପନ ନିମନ୍ତେ ,କଟକର ରାହାସ ବିହାରୀ ମଠ ତଥା ଉକ୍ତ ସେବାସଂଘ ପକ୍ଷରୁ କରାଯାଇଥିବା ଆବେଦନକୁ ଅନୁଧାନ କରାଯାଇ, ଉକ୍ତ ସେବା ସଂଘଙ୍କ ଦ୍ୱାରା ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଏକ ପ୍ରତିମୂର୍ତୀ ସ୍ଥାପନ ନିମନ୍ତେ ମୌଜା-ସୁବର୍ଣ୍ଣପୁର, ଥାନା ନଂ-୨୨, ଖାତା ନଂ-୧(ଆବାଦ ଅଯୋଗ୍ୟ ଅନାବାଦୀ) ପ୍ଲଟ୍ ନଂ୧ ,କିସମ-ନଦୀ, ସତୀଚୌରା ଘାଟ, କଟକ ମଧରୁ ୨୫' x ୨୫' ର ଏକ ଜମି ପ୍ରଦାନ ନିମନ୍ତେ କଟକ ଜିଲ୍ଲାପାଳଙ୍କୁ ସୁପାରିଶ କରାଯିବାକୁ ନିଷ୍ପତି ଗ୍ରହଣ କରାଗଲା ।

୭. ନିଗମର ଆମ୍ବୁଲାନ୍ସ ସେବା ଏବଂ ଶବ ବାହକ ଗାଡି ସେବା ସମ୍ପର୍କରେ ସମସ୍ତ ସୂଚନା ସହ, ଏକ ବିଜ୍ଞାପନ ପ୍ରକାଶ କରାଯିବାକୁ ସ୍ଥିର କରାଗଲା ।

୮. ନିଗମର ବିଭିନ୍ନ ଅଂଚଳରୁ ବୁଲା ଗାଇ ଗୋରୁମାନଙ୍କୁ ରାସ୍ତାଉପରେ ଜବଦ କରାଯାଇ, ନିଗମର କାଞ୍ଜିଆ ହୋଦାରେ ରଖାଯିବା ନିମନ୍ତେ ନିମ୍ନହାରରେ ଜରିମାନା ଆଦାୟ କରାଯିବାକୁ ଅନୁମୋଦନ କରାଗଲା ।

1. Fine per impounded cattle for first day - Rs.500/-
2. Fine for impounded cattle for subsequent days. - Rs.100/-per day
3. Feeding charges for impounding Cattle per day - Rs.50/-
4. Fine per calf for first day - 500/-
5. Fine per calf for subsequent day - Rs.50/- per day
6. Feeding charges for calf per day - Rs.25/-

ଏ ସମ୍ପର୍କରେ ଏକ ବିଜ୍ଞାପନ ନୋଟିସ ସ୍ଥାନୀୟ ଖବର କାଗଜ ମାଧମରେ ସର୍ବ ସାଧାରଣମାନଙ୍କ ଅବଗତ ନିମନ୍ତେ ପ୍ରଦାନ କରାଯିବାକୁ ସ୍ଥିର କରାଗଲା ।

୯. ବିଭିନ୍ନ ସର୍ଭିସ ପ୍ରୋଭାଇଡରଙ୍କ ମାଧମରେ ବିଭିନ୍ନ କାର୍ଯ୍ୟ ନିମନ୍ତେ ନିୟୋଜନ କରାଯାଉଥିବା କର୍ମଚାରୀ ମାନଙ୍କ ନିମନ୍ତେ ବୈଠକରେ ଉପସ୍ଥାପନା କରାଯାଇଥିବା ନିମ୍ନଲିଖିତ Guidelineକୁ ଅନୁମୋଦନ କରାଗଲା ।

. **GUIDLINE FOR PERSONNEL ENGAGED THROUGH SERVICE PROVIDERS:-**

1. Engagement would be made with due approval of the competent authority
2. Letter to approved Registered Service Providers would be sent by the concerned Branch Officers under intimation to Establishment and Finance Branch for deployment of personnel with copy to Accounts Section.
3. The service provider will intimate the names of personnel deployed with their specific details against the request letter.
4. Attendance shet would be maintained and daily attendance will be taken by officers/staff of the concerned branch and consolidated daily position will be maintained at MIS Section.
5. Monthly absentee statement prepared on the basis of daily attendance would be sent to the Service Provider for submission of bills.

6. No bills for payment of wages/remuneration will be approved in absence of submission of absentee statement prepared on the basis of daily attendance. The concerned branch officer will be personally responsible for non compliance.
7. While submitting bills, the service provider will submit copies of Challans showing deposit of statutory dues(received from CMC)along with names of the employees and their Account details.
8. The service provider will ensure supply of annual EPF statement to concerned personnel .

୧୦. ନିଗମର ବିଭିନ୍ନ ଅଂଚଳରେ ସ୍ଥାପନ କରାଯାଇଥିବା Mobile Tower ଗୁଡିକର ତାଲିକା ସମ୍ପୃକ୍ତ କମ୍ପାନୀ ମାନଙ୍କଠାରୁ ସଂଗ୍ରହ କରାଯାଇ, ନିଗମର ଲାଇସେନ୍ସ ଏବଂ ଯନ୍ତ୍ରୀ ବିଭାଗ ଦ୍ୱାରା Cross Check କରାଯିବାକୁ ସ୍ଥିର କରାଗଲା ।

୧୧. ବିଭିନ୍ନ ବିଜ୍ଞାପନ ସଂସ୍ଥାମାନଙ୍କ ଦ୍ୱାରା ନିଗମର ବିଭିନ୍ନ ଅଂଚଳରେ ପଦର୍ଶନ କରାଯାଉଥିବା ହୋଡିଂଗ ଗୁଡିକର ତାଲିକା ସଂଗ୍ରହ କରାଯାଇ ଲାଇସେନ୍ସ ଷ୍ଟାଣ୍ଡିଂଗ କମିଟିରେ ଉପସ୍ଥାପନା ସହ, ଯଥାଶିଘ୍ର ବକେୟା ଲାଇସେନ୍ସ ଫି ଆଦାୟ କରାଯିବାକୁ ସ୍ଥିର କରାଗଲା ।

୧୨. ନିଗମର ବିଭିନ୍ନ ମାର୍କେଟ କମ୍ପଲେକ୍ସ ମଧରେ ଜଣକ ନାମରେ ଏକାଧିକ ଦୋକାନ ଗୃହ ରହିଥିଲେ, ତାହାର ତାଲିକା ଲାଇସେନ୍ସ ଷ୍ଟାଣ୍ଡିଂଗ କମିଟିରେ ଉପସ୍ଥାପନ କରାଯାଇ, ଯଥା ଶିଘ୍ର ସେ ଗୁଡିକ Cancell କରାଯିବାକୁ ସ୍ଥିର କରାଗଲା ।

୧୩. ନିଗମର ବିଭିନ୍ନ ଅଂଚଳରେ ଘର ଛାତ ଉପରେ ସ୍ଥାପନ କରାଯାଇଥିବା ଟେଲିଫୋନ ଟାୱାର ତଥା ହୋଡିଂଗସ ଗୁଡିକ ନିମନ୍ତେ, ସମ୍ପୃକ୍ତ ଗୃହର Holding Tax ସମାନୁପାତିକ ଭାବେ Commercial ହାରରେ ଆକଳନ କରାଯିବାକୁ ସ୍ଥିର କରାଗଲା ।

୧୪. PDS ସମ୍ପର୍କୀତ ଆଲୋଚନା ନିମନ୍ତେ ନିଗମର ଗ୍ରୀଭାନସେସ୍ ଆଣ୍ଡ ସୋସିଆଲ ଜଷ୍ଟିସ୍ ଷ୍ଟାଣ୍ଡିଂଗ କମିଟି ବୈଠକକୁ CSO ତଥା ତାଙ୍କର ପ୍ରତିନିଧିଙ୍କୁ ଆମନ୍ତ୍ରଣ କରାଯାଇ ଏ ସମ୍ପର୍କରେ ବିଭିନ୍ନ ଅଭିଯୋଗ ସମ୍ପର୍କରେ ଆଲୋଚନା କରଯିବାକୁ ସ୍ଥିର କରାଗଲା ।

୧୫. ହରିଶ୍ଚନ୍ଦ୍ର ଯୋଜନା ମାଧମରେ ସମ୍ପୃକ୍ତ ହିତାଧିକାରୀମାନଙ୍କ ସହାୟତା ନିମନ୍ତେ ପ୍ରାପ୍ତ ଅନୁଦାନ ମଧରୁ ବକେୟା ଦେୟକୁ ଭରଣା କରାଯାଇ, ଅବଶିଷ୍ଟ ଅର୍ଥର ବିନିଯୋଗ ନିମନ୍ତେ ସମ୍ପୃକ୍ତ ବରିଷ୍ଟ କମ୍ୟୁନିଟ ଅର୍ଗାନାଇଜର ମାନଙ୍କୁ Advance ଆକାରରେ ପ୍ରଦାନ କରାଯିବାକୁ ଅନୁମୋଦନ କରାଗଲା ଏବଂ ଯଥା ଶିଘ୍ର ବିନିଯୋଗ ପ୍ରମାଣ ପତ୍ର ପ୍ରଦାନ କରାଯିବାକୁ ସ୍ଥିର କରାଗଲା ।

୧୬. ତା ୨୬.୦୬.୨୦୧୪ରିଖ ପବ୍ଲିକ ୱାର୍କସ ଷ୍ଟାଣ୍ଡିଂଗ କମିଟି ଦ୍ୱାରା ପ୍ରତ୍ୟେକ ୱାର୍ଡ ନିମନ୍ତେ ୧୫ଲକ୍ଷ ଟଙ୍କା ମଧରେ ସୁପାରିଶ କରାଯାଇଥିବା ACTION PLAN ମଧରେ ୱାର୍ଡ ନଂ.୪୮ ନିମନ୍ତେ ସମ୍ପୃକ୍ତ କର୍ପୋରେଟରଙ୍କ ସୁପାରିଶ ଅନୁଯାୟୀ ନିମ୍ନଲିଖିତ କାର୍ଯ୍ୟ ଗୁଡିକ ଅନ୍ତର୍ଭୁକ୍ତ କରାଯିବାକୁ ସ୍ଥିର କରାଗଲା ।

1. Construction of CC raod at Res. of Banshidhar Panda to main Road at Fakirpur
2. Consturction of Drain at Res.of Srinibash Dalai to Main Road at Jagatpur Kharadasahi.
3. Construction of Drain at Res. of Laxmidhar Moharana to Chiranjeeb Behera Res. at Bhuabanpur.
4. Improvement of Road at Res. of Milan Panda to Jogendra Barik Res. at Bhubanpur
5. Improvement of Road at Res. of Pitambar Panda to main Road Bhubanpur.
6. Construction of CC Road at Laxmanpur main Road.

୧୭. ପ୍ରତ୍ୟେକ ମାସର ୧୫ତାରିଖ ସୁଦ୍ଧା ସମସ୍ତ ଷ୍ଟାଣ୍ଡିଂଗ କମିଟି ବୈଠକ ଗୁଡିକ ଅନୁଷ୍ଠିତ କରାଯାଇ, ବିବରଣୀ ଗୁଡିକ ମାସର ୨୫ତାରିଖ ସୁଦ୍ଧା ସମ୍ପୃକ୍ତ କର୍ପୋରେଟର ମାନଙ୍କ ଅବଗତ ନିମନ୍ତେ ପ୍ରଦାନ କରାଯିବାକୁ ସ୍ଥିର କରାଗଲା ।

ସର୍ବଶେଷରେ ଉପସ୍ଥିତ ସଦସ୍ୟ/ସଦସ୍ୟାମାନେ ବୈଠକର ଉପର ବର୍ଣ୍ଣିତ ଆଲୋଚନାରେ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ମାନ୍ୟବର ଡେପୁଟି ମେୟରଙ୍କ ଦ୍ୱାରା ଧନ୍ୟବାଦ ଜ୍ଞାପନ ପରେ ସଭା ସାଙ୍ଗ କରାଯାଇଥିଲା ।

**ସ୍ୱା :ଅନିତା ବେହେରା**
**ମେୟର**
**କଟକ ମହାନଗର ନିଗମ**

ଜ୍ଞାପକ ସଂ. ୨୧୬ .ତା ୧୪.୦୮.୨୦୧୪

ଏହାର ଏକ କିତା ନକଲ ନିର୍ଦ୍ଦେଶକ, ପୌର ପ୍ରଶାସନ ଏବଂ ପଦ ପ୍ରଯୁକ୍ତ ଅତିରିକ୍ତ ଶାସନ ସଚିବ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର, ଭୂବନେଶ୍ୱର / ସଚୀବ, ରାଜସ୍ୱ କମିଶନର (କେନ୍ଦ୍ରାଂଚଳ), କଟକ / ଜିଲ୍ଲାପାଳ, କଟକଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସ୍ୱା-ନିର୍ମଳ ଚନ୍ଦ୍ର ନାୟକ
ଉପ ସଚିବ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ ୨୧୭ .ତା ୧୪.୦୮.୨୦୧୪

ଏହାର ଏକକିତା ନକଲ ସହ ବିବରଣୀ ନକଲ କଟକ ମହାନଗର ନିଗମର ମେୟର / ଡ଼େପୁଟି ମେୟର / ସମସ୍ତ କର୍ପୋରେଟରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସ୍ୱା-ନିର୍ମଳ ଚନ୍ଦ୍ର ନାୟକ
ଉପ ସଚିବ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ ୨୧୮ .ତା ୧୪.୦୮.୨୦୧୪

ଏହାର ଏକକିତା ନକଲ ସହ ବିବରଣୀ ନକଲ କେନ୍ଦ୍ରାଂଚଳ ରାଜସ୍ୱ ଆୟୁକ୍ତ,କଟକ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସ୍ୱା-ନିର୍ମଳ ଚନ୍ଦ୍ର ନାୟକ
ଉପ ସଚିବ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ ୨୧୯ .ତା ୧୪.୦୮.୨୦୧୪

ଏହାର ଏକକିତା ନକଲ ସହ ବିବରଣୀ ନକଲ ମ୍ୟୁନିସିପାଲ କମିଶନର / ଅତିରିକ୍ତ କମିଶନର / ଡ଼େପୁଟି କମିଶନର / ନଗର ଯନ୍ତ୍ରୀ / ନଗର ସ୍ୱାସ୍ଥ୍ୟ ଅଧିକାରୀ / ସହକାରୀ ସ୍ୱାସ୍ଥ୍ୟ ଅଧିକାରୀ / ନିର୍ବାହୀ ଯନ୍ତ୍ରୀ(୧ ଓ୨) / ପ୍ରତିଷ୍ଠାନ ଅଧିକାରୀ / ସେକ୍ରେଟେରୀ / ବସ୍ତି ଉନ୍ନୟନ ଅଧିକାରୀ / ବିତ ଅଧିକାରୀ / ରିକଭରୀ ଅଫିସର / ସହକାରୀ ଆଇନ ଅଧିକାରୀ / ମୁଖ୍ୟ ସମିକ୍ଷକ / ସମସ୍ତ ସହକାରୀ ଯନ୍ତ୍ରୀ / ସମସ୍ତ କନିଷ୍ଠ ଯନ୍ତ୍ରୀ / ସମସ୍ତ ମୁଖ୍ୟ ସହାୟକ / ଅଭିଯୋଗ ପ୍ରକୋଷ୍ଠ, କଟକ ମହାନଗର ନିଗମଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସ୍ୱା-ନିର୍ମଳ ଚନ୍ଦ୍ର ନାୟକ
ଉପ ସଚିବ
କଟକ ମହାନଗର ନିଗମ, କଟକ